# ଖ୍ରୀ: ଅ: ୨୦୬୬

ସକାଳ..... ରାତି ଶେଷ ହୋଇଥିବା ଅର୍ଥରେ, କେବଳ ।

ତା' ନ ହେଲେ କୁହୁଡ଼ି, ଧୂଆଁ ଧୂଳି ଆଉ କୋଇଲାଗୁଣ୍ଡର 'ସ୍ମଗ୍' ଫ୍ଲାଟ୍ ବାହାରେ ଦ୍ୱିତୀୟ ରାତ୍ରିର ଭ୍ରମ ସୃଷ୍ଟି କରିଥିଲା ।

ସାମ୍ନା ସ୍କାଇସ୍କ୍ରାପ୍‌ର ଉପରେ ଗୋଟାଏ ପ୍ରକାଣ୍ଡ ଆଡ୍‌ଭର୍‌ଟାଇଜମେଣ୍ଟ ହୋର୍ଡିଙ୍ଗ ସ୍ପେସ୍-ଟ୍ରାଭଲିଙ୍ଗ୍ ଏଜେନ୍‌ସିର ବିଜ୍ଞାପନ...ଚନ୍ଦ୍ରମଣ୍ଡଳ ମୋଟେ ଏକୋଇଶ ଘଣ୍ଟାର ରାସ୍ତା!... ଆଉ ଗୋଟାଏ ହୋର୍ଡ଼ିଙ୍ଗରେ... "ବାଇଓଲଜିକାଲ୍ ଲାବୋରେଟରୀ-ପ୍ଲାଷ୍ଟିକ୍ ତିଆରି ମଣିଷ ଲଙ୍ଗ୍‌ସ ଓ ହାର୍ଟ୍‌ସ୍ ମିଳେ" ପରୀକ୍ଷା ପାର୍ଥନୀୟ...

ଏ ହାର୍ଟ୍‌ଟା ପୁରୁଣା ହୋଇଗଲାଣି ।

ବଦଳାଇବା ପାଇଁ ପଡ଼ିବ । ସୁବ୍ରତ ବିଛଣାରେ ଶୋଇ ଶୋଇ ଭାବୁଥିଲା । ଶୀଘ୍ର ଗୋଟାଏ ପ୍ଲାଷ୍ଟିକ୍ ହାର୍ଟର ମାପ ଦେଇ ଆସିବାର ଆବଶ୍ୟକତା ପଡ଼ିଲାଣି ।

ଟେରାସ୍ ଉପରେ ଦୁଇଟା ହୋଭର୍-କ୍ରାଫ୍ଟ ଉଡ଼ିଗଲା । ଏ ସବୁ ଏ ଶତାବ୍ଦୀର ଉଡ଼ନ୍ତା ମୋଟରଗାଡ଼ି ।

ହୋଭର୍-କ୍ରାଫ୍ଟର କିଳିକିଳା ରଡ଼ିରେ ସୁବ୍ରତର ଅଧାଚିଆଁ ଅଧାଶୁଆ ତନ୍ଦ୍ରାଚ୍ଛନ୍ନତା କଟିଗଲା ।

ତା' ପରେ ମନେପଡ଼ିଲା, ସୁତପାର ଚିଠି କଥା ।

ଘର ଭିତରେ ଯେତେ ସବୁ ଡ୍ରୟର ଚେଷ୍ଟ, ବହି ସେଲଫ୍, କବ୍‌ବାର୍ଡ଼, ବିଛଣାଗଦି, ଏପରିକି ତକିଆ ତଳ ଖୋଜି, ଓଲଟପାଲଟ କରି ସେଇ ଚିଠି ଖଣ୍ଡକ ଖୋଜିଲେ ସୁଦ୍ଧା, ତାହାର କୌଣସି ସନ୍ଧାନ ମିଳୁ ନ ଥିଲା ।

ଚନ୍ଦ୍ରମଣ୍ଡଳରେ ସୁତପାର ଠିକଣା ସେଇ ଚିଠିରେ ଥିଲା । ମନେପଡ଼େ କେବଳ 'କ୍ରେଟର ଅଫ୍‌ନାଇଟ୍‌ର' କୌଣସି ଶିଳାକୀର୍ଣ୍ଣ ଅଞ୍ଚଳରେ କୌଣସି ଏକ ହୋଟେଲ, 'ଓସନ୍ ଅଫ୍ ଷ୍ଟର୍ମ' ଝଞ୍ଜାମହାସାଗରର ଉପକୂଳରେ । ମାତ୍ର ସୁତପାର ନିର୍ଦ୍ଦିଷ୍ଟ ଠିକଣା, ରାସ୍ତା ଗଳି ଓ ମୋଡ଼ ସେଇ ଚିଠିରେ ଲେଖାଥିଲା ସବୁ ।

ମାତ୍ର ସେ ଚିଠିଖଣ୍ଡ କେଉଁଠି ଏ ଜଞ୍ଜାଳ ମଧ୍ୟରେ ହଜି ଯାଇଅଛି । ସୁବ୍ରତ ହିଂସ୍ର ଭାବରେ ଓଠର ଅଧାଜଳା ସିଗ୍ରେଟ୍ ଖଣ୍ଡେ ଗୋଟାଏ ଟ୍ରେ ଭିତରେ ଦଳି, ଚଟାଣରେ ଅଧାମେଲା ପଡ଼ିଥିବା ଗୋଟାଏ ଆଟାଚୀକୁ ଫୁଟବଲରେ କିକ୍‌ମାରିବା ପରି ଗୋଟାଏ ଗୋଇଠା ମାରିଲା । ଆଟାଚୀଟା ଖୋଲା ଦରଜା ବାଟେ ବାହାରକୁ ଉଡ଼ି ଯାଇଁ ତଳ ରାସ୍ତାରେ ଖସିପଡ଼ିଲା ।

ତିରିଶ ମହଲା ସ୍କାଇସ୍କ୍ରୋପର୍‌ର ଏକବିଂଶଫ୍ଲୋର ବାଲକନିରୁ ଆଟାଚୀଟା କେଉଁ ରସାତଳେ ପଡ଼ିଲା ଯାଇଁ କେଜାଣି?

ସେଥିରେ ଥିଲା, ସୁବ୍ରତର ଗୋଟିଏ ସ୍ପେସ୍-ସୁଟ୍, ଦୁଇଟି ମର୍ତ୍ତ୍ୟଲୋକର ସୁଟ୍, ଆଉ ଦୁଇଟି ରଙ୍ଗିନ ଟାଇ... ଚନ୍ଦ୍ରମଣ୍ଡଳକୁ ଜଳବାୟୁ ପରିବର୍ତ୍ତନରେ ଯିବାପାଇଁ ସୁବ୍ରତ ସେଦିନ ଏ ପରିଚ୍ଛଦ ସବୁ କିଣିଥିଲା ଗୋଟିଏ ଦର୍ଜୀ ଦୋକାନରୁ । ସେସବୁ ପୁଣି ଥରେ ନୂଆ କିଣିଲେ ପ୍ରଚଳିତ ମୂଲ୍ୟରେ ଅନ୍ୟୂନ ପଚିଶହଜାର ଟଙ୍କାର ପାଖାପାଖି ।

ସୁବ୍ରତ ହିସାବ କରି ଦେଖିଲା, ତିନିଟି ମାସର ବେତନ!

ଏହାପରେ କେବଳ ଅର୍ଥହୀନ ଅନୁଶୋଚନା, ସିଗାରେଟ ପରେ ସିଗାରେଟ ପୋଡ଼ା!

କାନ୍ସରର ଆତଙ୍କ ଆଉ ନାଇଁ । ଅପରାଜେୟ ମୃତ୍ୟୁର ସଙ୍କେତ କାନ୍ସରଙ୍କୁ ମନୁଷ୍ୟ ଜୟ କରିସାରିଲାଣି । ତେଣୁ ମନୁଷ୍ୟର ଆୟୁ ଆଜି ଦୁଇଶହ ବର୍ଷକୁ ବୃଦ୍ଧି ପାଇଅଛି । ଡ଼ିଟେକ୍ଟର  ଜୁଲୁମବାଜ ସିଂହ ସେଇ କଥା ଟେଲିଭିଜନ୍ ଭାଷଣରେ ବାରମ୍ବାର ଘୋଷଣା କରି ବିଗତ ଶତାବ୍ଦୀର ପାର୍ଲିଆମେଣ୍ଟାରୀ ଗଣତନ୍ତ୍ର ତୁଳନାରେ ଚଳିତ ଶତାବ୍ଦୀର ସାମରିକତନ୍ତ୍ରରେ ଦେଶବାସୀ ଯେଉଁ ଅଭୂତପୂର୍ବ ପ୍ରଗତି ସାଧନ କରିପାରିଅଛନ୍ତି, ତାହା ଚେତାଇ ଦେଉଅଛନ୍ତି ।

ଆଃ.......... ଜୀବନର ଦୈର୍ଘ୍ୟ ବଢ଼ିଛି; ମାତ୍ର ଶୂନ୍ୟଗର୍ଭ ଜୀବନ! ବଞ୍ଚିବାର ଐଶ୍ୱର୍ଯ୍ୟ କମିଚି!

ସୁବ୍ରତ ଆଉ ଖଣ୍ଡେ ସିଗାରେଟ୍ ଓଠରେ ଚାପି ସେଥିରେ ନିଆଁ ଲଗାଇଲା । ମାତ୍ର ଅନ୍ୟମାନଙ୍କ ପରି ଉପରକୁ ଧୂଆଁ କୁଣ୍ଡଳୀ ଛାଡ଼ି ଅଳସ ଭାବରେ ତାହାର କୁଣ୍ଡଳୀର ଘୂର୍ଣିସବୁ ଲକ୍ଷ୍ୟ କରିବା ପାଇଁ ଆଜି ତାର ମାନସିକ ପ୍ରବୃତ୍ତି ନ ଥିଲା ।

ଆଃ... କେବଳ ଏଇ ଅପଜାତ, କ୍ଳାନ୍ତ ଶତାବ୍ଦୀରେ ନୁହେଁ; ଅତୀତର ଅଗଣିତ ଶତାବ୍ଦୀରେ ମଧ, ଏହି ଧୂମ ହିଁ ରହି ଆସିଚି, ଶ୍ରାନ୍ତ କ୍ଳାନ୍ତ, ଦିଗ୍‌ଭ୍ରାନ୍ତ ଶେଷ ଅବଲମ୍ବନ ।

କିନ୍ତୁ ସମାଜର ନୀତିବାଗୀଶମାନେ ସିଗାରେଟ ଟାଣିବା ପରି କ୍ଷୁଦ୍ର କ୍ଷୁଦ୍ର ନିରୀହ ଅପରାଧ ଅଥବା ହତ୍ୟାର ଉପାୟରେ ବିଶ୍ୱାସ କରନ୍ତି ନାଇଁ । ବୋମା ପକାଇ ଜାଳିବା ପରି ଭୀଷଣତମ ଅପରାଧମାନଙ୍କୁ ସେମାନେ ଭକ୍ତି ଓ ବିଶ୍ୱାସ କରନ୍ତି! ସେଥିପାଇଁ ବିଗତ ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରୁ ଏହି ସୁନୀଳ, ସୁସ୍ନିଗ୍ଧ, ଅବାସ୍ତବ ଧୂମ ସହିତ କାନ୍ସରର ଆତଙ୍କକୁ ଯୋଡ଼ି, ବହୁ କାକଭୂଷଣ୍ଡ କାନ୍ସରରେ ଅକାଳମୃତ୍ୟୁର ବହୁ କରାଳଛାୟା ସୃଷ୍ଟି କରିଛନ୍ତି! ସାଡ଼ିଷ୍ଟ୍ ଅର୍ଥମନ୍ତ୍ରୀମାନେ ସିଗାରେଟ୍ ଉପରେ ଏକ୍ସାଇଜ୍ ଡ୍ୟୁଟୀ ନାନା ଭାବରେ ବସାଇ ଧୂମର ମୂଲ୍ୟକୁ ଅଗ୍ନିମୂଲ୍ୟ କରି ଦେଇଅଛନ୍ତି!

ବିଗତ ଶତାବ୍ଦୀରେ ପୃଥିବୀର ମାଧ୍ୟାକର୍ଷଣ ଘୂର୍ଣି ଅତିକ୍ରମ କରି, ମନୁଷ୍ୟ ମହାଶୂନ୍ୟରେ ବିଚରଣ କରି ପାରିଥିଲା ସତ୍ୟ; କିନ୍ତୁ କାନ୍ସର ତା ' ପକ୍ଷରେ ତଥାପି ରହିଥିଲା ଦୁରାରୋଗ୍ୟ ହୋଇ । କାନ୍ସରର ଚିକିତ୍ସା ଓ ନିରାକରଣ ପାଇଁ ବିଭିନ୍ନ ରାଷ୍ଟ୍ର ଯେତିକି ଅର୍ଥ ଓ ବୈଜ୍ଞାନିକ ଶକ୍ତି ବ୍ୟୟ କରୁଥିଲେ, ଆଣବିକ ଅସ୍ତ୍ରପରୀକ୍ଷା ପାଇଁ ବିସ୍ଫୋରଣ ଦ୍ୱାରା ବାୟୁମଣ୍ଡଳରେ ତେଜଷ୍କ୍ରିୟ ଭସ୍ମରାଶିରୁ ସେତିକି ରେଡ଼ିଓ ଷ୍ଟ୍ରାଂଟିୟମ ବିକିରଣ କରି, କାନ୍ସରର ପ୍ରସାରଣରେ ସେମାନେ ମଧ ସେତିକି ସହାୟକ ହେଉଥିଲେ!

କିନ୍ତୁ ଜନପଦକଲ୍ୟାଣୀ ସୁତପା କୁଆଡ଼େ ଯେଉଁ ବର୍ଷ ଜରତୀ ପୃଥିବୀର ଜନସଂଖ୍ୟା ଆଉରି ଗୋଟିଏ ବୃଦ୍ଧି କରି ଜନ୍ମଲାଭ କରିଥିଲା; ସେହି ବର୍ଷ କାନ୍ସରର ପ୍ରତିଷେଧକ ଉଦ୍ଭାବନ କରିଥିଲେ, ହିମାଳୟର ତରାଇ ଜଙ୍ଗଲ ଭିତରୁ ଜଣେ ସନ୍ନ୍ୟାସୀ!

ସେଇ ସୁତପାର ଚିଠି ହଜିଯାଇଚି; ଚନ୍ଦ୍ରମଣ୍ଡଳରେ ତା ' ର ଠିକଣା ହଜିଯାଇଚି ।

ଖ୍ରୀ: ଅ: ୨୦୬୬...

ସହରର ନାମ ସୁପରସିଟୀ, ନମ୍ବର ୧୦୧... ତାହାର ଅନ୍ୟ କୌଣସି ସ୍ୱତନ୍ତ୍ର, ବିଶିଷ୍ଟ ନାମ ନାହିଁ! ମାତ୍ର ପ୍ରତ୍ନତାତ୍ତ୍ୱିକ ଗବେଷକମାନେ କହନ୍ତି ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଏହା କାଳେ ଗୋଟିଏ ଗୁଳ୍ମାକୀର୍ଣ୍ଣ ପ୍ରାନ୍ତର ଥିଲା । ଦ୍ୱିତୀୟ ମହାଯୁଦ୍ଧୋତ୍ତର କାଳରେ ସରକାର ନିଶାନିବାରଣ ଯୋଜନା ଆରମ୍ଭ କରି, ଚୋରା-ନିଶା-ବ୍ୟବସାୟୀ ବା ବୁଟ୍‌ଲେଗର୍ ନାମରେ ଗୋଟିଏ ଗୋଷ୍ଠୀ ଯେପରି ସୃଷ୍ଟି କରିଥିଲେ ଓ କୃଷି ନାମରେ ବିଦେଶରେ ଯେତିକି ଅଧିକ ଆମୋନିଆ ସଲଫେଟ୍ ଆମଦାନୀ କରାଯାଉଥିଲା, ସେସବୁ ଯେପରି ବସ୍ତିମାତାଲମାନଙ୍କ କଣ୍ଠନାଳିବାଟ ଦେଇ ଚୋରା ମଦ-ବ୍ୟବସାୟୀମାନଙ୍କର ଗୁପ୍ତ ଅର୍ଥପାଣ୍ଠି ବର୍ଦ୍ଧନ କରୁଥିଲା; ପୁଣି ସେହି ଅର୍ଥରେ ଯେପରି କୌଣସି କୌଣସି ରାଜନୈତିକ ଗୋଷ୍ଠୀ, ପୁଲିସ, ବିଚାରକମଣ୍ଡଳି ପୋଷା ଯାଉଥିଲେ, ସେ ସବୁର ବିଡ଼ମ୍ବିତ କାହାଣୀ ବିଗତ ଶତାବ୍ଦୀର ସାମାଜିକ ଇତିହାସମାନଙ୍କରୁ ଯଥେଷ୍ଟ ମିଳିବ । ସେହି ଚୋରା ମଦବ୍ୟବସାୟକୁ କେନ୍ଦ୍ରକରି କାଳକ୍ରମେ ଏହି ଗୁଳ୍ମାକୀର୍ଣ୍ଣ ଭୂମିରେ ଗୋଟିଏ ଛୋଟିଆ ସହର ଗଢ଼ିଉଠି କ୍ରମେ ତାହା ଏହି ସୁପରସିଟୀରେ ପରିଣତ ହୋଇଥିଲା ।

ବସ୍ତୁତଃ ଭୂଭାଗର ପ୍ରତ୍ୟେକ ଇଂଚ ପରିମିତ ଆବାସଯୋଗ୍ୟ ଭୂମି ଉପରେ ଏବେ ଲମ୍ବିଯାଇଚି ସହର ପରେ ସହର ଆଉ ସ୍କାଇସ୍କ୍ରାପର, କାନ୍‌ସର କ୍ଷତର 'ଟିସୁ' ପରି ।

କିନ୍ତୁ କିଏ ବିଶ୍ୱାସ କରିବ, ଶୃଗାଳ ନାମକ ଗୋଟିଏ ଚତୁଷ୍ପଦ ଜୀବର କିଳିକିଳା ରଡ଼ି, ବସ୍ତି-ମାତାଲ୍‌ମାନଙ୍କର ମାତ୍‌ଲାମୀ, ଶିମିଳୀ ନାମକ ଏକ ଫୁଲର ଲାଲିମା, କେତକୀ: ନାମକ ଏକ କଣ୍ଟକକୀର୍ଣ୍ଣ ଗୁଳ୍ମର ସୁବାସ ଓ କୋଇଲି, କାଳିକା, କଜଳପାତୀ ପ୍ରଭୃତି ପକ୍ଷୀମାନଙ୍କର କାକଳୀରେ ଏହି ବନଭୂମି ଏକଦା ମୁଖରିତ ଥିଲା! ଏ ପକ୍ଷୀମାନଙ୍କର ଚିତ୍ର ଏବେ ପକ୍ଷୀ-ବିଜ୍ଞାନସମ୍ବଳିତ ଗ୍ରନ୍ଥମାନଙ୍କରେ କେବଳ ଦେଖାଯାଇଥାଏ । ସେହିପରି ସେ ବୃକ୍ଷ ଓ ଗୁଳ୍ମମାନଙ୍କର ନାମ ମଧ୍ୟ ଉଦ୍ଭିଦବିଦ୍ୟାର ଶାସ୍ତ୍ରମାନଙ୍କରେ ଖୋଜିଲେ ମିଳିଥାଏ । ମାତ୍ର ସେ ପକ୍ଷିକୁଳ ମନୁଷ୍ୟର କ୍ଷୁଧାରେ କେଉଁକାଳୁ ଯେପରି ନିଶ୍ଚିହ୍ନ ହେଲେଣି, ସେ ବୃକ୍ଷ ଓ ଗୁଳ୍ମରାଜି ମଧ୍ୟ ସ୍କାଇସ୍କ୍ରାପରମାନଙ୍କ ତଳେ ସେହିପରି ନିଶୂନ ହୋଇଗଲେଣି!

ଏକ ସ୍ୱପ୍ନହୀନ, ନିରୁଦ୍ଧ ରାତ୍ରି ପରେ କ୍ଳାନ୍ତ ପ୍ରଭାତ ଆସିଥିଲା ନପୁଂସକର କାମବିକାର ପରି! ସେଥିରେ ଉତ୍ତେଜନା ଥିଲା; ମାତ୍ର ପରିତୃପ୍ତି ନ ଥିଲା ।

ସେଇ ସକାଳୁ ସୁବ୍ରତ ସୁତପାର ଚିଠିଖଣ୍ଡ ଖୋଜୁଚି । ଘର ଚଟାଣ ପୋଡ଼ା ସିଗାରେଟ ଗୁଣ୍ଡ ଓ ଇତସ୍ତତଃ ବିକ୍ଷିପ୍ତ କାଗଜପତ୍ରରେ ଭର୍ତ୍ତି ।

ସୁବ୍ରତ ଗୋଟାଏ କମ୍ପ୍ୟୁଟର ମେସିନର କେତେଟା ସୁଇଚ୍ ଟିପି ଦେବା ମାତ୍ରେ ରୋବର୍ଟର ହାତ ପରି ଦୁଇଟା ଯାନ୍ତ୍ରିକ ହାତରେ ଗୋଟାଏ ଚା' ଟ୍ରେ ଖୋଲା ଦରଜାବାଟେ ଶୂନ୍ୟରେ ଭାସିଭାସି ଟି' ପୟ ଉପରେ ରହିଗଲା । ଟି' ପୟ ଉପରେ ଚା' ଟ୍ରେ ଶୂନ୍ୟେ ଶୂନ୍ୟେ ଆସି ରହିବାପରେ, ସେହି ଯାନ୍ତ୍ରିକ ହାତ ଦୁଇଟା ଗୋଟାଏ ଟାଉଲ ଧରି ଘରର ଆସବାବ୍ ସବୁ ପୋଛିବା ପାଇଁ ଲାଗିଲା । ତା' ର ଅଳ୍ପକ୍ଷଣ ପରେ ଆଉ ଗୋଟିଏ ଯାନ୍ତ୍ରିକ ହାତ ପ୍ଲାଷ୍ଟିକ୍‌ରେ ତିଆରି ଗୁଡ଼ିଏ ରଙ୍ଗୀନ ଫୁଲର ସ୍ତବକ ଆଣି ଗୋଟିଏ ଫୁଲଦାନୀରେ ସଜାଇ ତା' ଉପରେ ଅତର ଛିଞ୍ଚି ଦେଇଗଲା ।

ଅସ୍ତ୍ର ବା ଯନ୍ତ୍ର ନିର୍ମାଣକାରୀ ମନୁଷ୍ୟ ବା ବୈଜ୍ଞାନିକ ପରିଭାଷାରେ "ହୋମୋ ଫାବର" (ଐକ୍ଷ୍ଣଙ୍କକ୍ଷ ରବଭକ୍ସର)ର ବିବର୍ତ୍ତନ ପଥରେ, ଆଜି ଯନ୍ତ୍ରନିର୍ମାଣକାରୀ ମଣିଷ, ଆଉ ଗୋଟିଏ ଯନ୍ତ୍ରର ମଣିଷ ନିର୍ମାଣ କରିପାରିଛି ସତ୍ୟ; ମାତ୍ର ହୋମୋସାପିୟେନ୍ ବା ଦାର୍ଶନିକ ଓ ଚିନ୍ତକ ମନୁଷ୍ୟର ଅଭ୍ୟୁଦୟ ପାଇଁ ତଥାପି ବିଳମ୍ବ ଅଛି! ଆଜି ତେଣୁ ନିର୍ଗନ୍ଧ ପ୍ଲାଷ୍ଟିକ୍ ଫୁଲରେ ଅତର ଛିଞ୍ଚି ତା' ର ସୌରଭତୃଷା ପ୍ରଶମିତ ହେଉଅଛି ।

ଆଜକୁ କିନ୍ତୁ ଦୁଇ ଶତାବ୍ଦୀ ପୂର୍ବେ ସନ୍ଧ୍ୟାସବୁ କୁଆଡ଼େ ମାଳତୀର ଚୋରା ସୌରଭରେ ସ୍ନିଗ୍ଧ ହେଉଥିଲା । ରାତ୍ରିସବୁ ସୁରଭିତ ହେଉଥିଲା ମଲ୍ଲୀର ମାଦକତାରେ, ଆଉ ସକାଳର ସୂର୍ଯ୍ୟକୁ ଅଭିବାଦନ କରୁଥିଲା ପ୍ରଫୁଲ୍ଲ ଶତଦଳ ।

ବ୍ରେକ୍‌ଫାଷ୍ଟ ବା ପ୍ରାତଃଭୋଜନ ଆଜି ଦୁଇଟି କ୍ଷୁଦ୍ର ବଟିକା । ସବୁ ଜୀବନୀସାର ସେଥିରେ ଭାଗମାପ ଅନୁସାରେ ଖଞ୍ଜାଯାଇଅଛି । ସୁବ୍ରତ ଟ୍ରେ ଉପରେ ରଖାଯାଇଥିବା ବ୍ରେକ୍‌ଫାଷ୍ଟ ବଟିକା ଦୁଇଟି ଗିଳିଦେଇ ଚା' କପ୍‌ରେ ଚୁମୁକ ଦେବା ଆରମ୍ଭ କଲା । ଏ ଚା' ମଧ୍ୟ ଆଜିର ଜୀବନ ପରି ସିନ୍ଥେଟିକ୍; ଚା' ପତ୍ର ସବୁ କାରଖାନାରେ ତିଆରି । ସେଥିରେ ଚା'ର ଆଘ୍ରାଣ ଅଛି; ମାତ୍ର ସ୍ୱାଦ ନାଇଁ!

ସୁବ୍ରତ ଚା' କପ୍ ଛାଡ଼ି ଲେଖାଟେବୁଲ ପାଖକୁ ଉଠି ଆସିଲା । ସୁତପା ପାଖକୁ ଚିଠି ଖଣ୍ଡେ, ତଥାପି ଅଧାଲେଖା ହୋଇ ପଡ଼ିଥିଲା ।

ଆକାଶୀ ରଙ୍ଗର ଖଣ୍ଡେ ଚିଠିଲେଖା କାଗଜ ଆସ୍-ଟ୍ରେ ଚାପାତଳେ ରହିଥିଲା । ଚିଠି କିପରି ଆରମ୍ଭ କରାଯିବ, ସୁବ୍ରତ ପକ୍ଷରେ ତାହାହିଁ ପ୍ରଥମେ ଏକ ଉତ୍କଟ ସମସ୍ୟା ହୋଇପଡ଼ିଥିଲା ।

"ପ୍ରିୟତମା ସୁତପା" ... କିନ୍ତୁ ଏପରି ଉଲଗ୍ନ ଭାବରେ ନିଜର ପ୍ରଣୟାସକ୍ତି ଘୋଷଣା କରିବା ପାଇଁ ସୁବ୍ରତକୁ ଅତ୍ୟନ୍ତ କୁଣ୍ଠିତ ଲାଗୁଥିଲା ।

ବିଗତ ଶତାବ୍ଦୀରୁ ମନୁଷ୍ୟ ନିଜର ସବୁ କୋମଳ ଓ ସୁକୁମାର ଆବେଗଗୁଡ଼ିକୁ ଧାରାବାହିକ ଭାବରେ ଦମନ କରି କମ୍ପ୍ୟୁଟର୍‌ସୁଲଭ ଯାନ୍ତ୍ରିକ ଶୀତଳ ବିଚାରକୁ କେବଳ ପ୍ରୋତ୍ସାହିତ କରି ଆସୁଥିବାରୁ ଏକବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧର ମନୁଷ୍ୟମାନଙ୍କ ପରି, ସୁବ୍ରତ ମଧ୍ୟ ସମ୍ପୂର୍ଣ୍ଣ ଭାବରେ ସ୍ୱପ୍ନ, ଆବେଗ ଓ ସୌକୁମାର୍ଯ୍ୟବର୍ଜିତ ହୋଇ ଅନ୍ୟ ଏକ କମ୍ପ୍ୟୁଟର ଯନ୍ତ୍ରରେ ପରିଣତ ହୋଇପଡ଼ିଥିଲା ।

ସ୍ୱପ୍ନ ତା' ପକ୍ଷରେ ଏକ ଅବାନ୍ତର... କ୍ଷୁଧା ତା'ର କେବଳ 'ଡାଟା' ପାଇଁ; ଖାଦ୍ୟ ପାଇଁ, ଆନ୍ତ୍ରିକ ଓ ଔଦରିକ!

ଚିଠି ଆରମ୍ଭରେ "ପ୍ରିୟତମା ସୁତପା" ଉପରେ ଗୋଟିଏ ଛକଚିହ୍ନ ଦେଇ ସୁବ୍ରତ ଅନ୍ୟ କୌଣସି ସମୀଚୀନ ସମ୍ବୋଧନ ଚିନ୍ତା କରୁ କରୁ, ତା'ର ହଠାତ୍ ମନେ ପଡ଼ିଥିଲା, ସୁତପାର ଠିକଣା ହଜିଯାଇଚି! ସୁତପାର ଚିଠିରେ ତା'ର ଚନ୍ଦ୍ରମଣ୍ଡଳର ଠିକଣା ଲେଖାଥିଲା... ମାତ୍ର ସେ ଚିଠି ତଥାପି ଖୋଜି ଖୋଜି ମିଳୁ ନ ଥିଲା । ପବନରେ ଚିଠିକାଗଜ ଉଡ଼ିଯିବ ବୋଲି, ସୁବ୍ରତ ଚିଠି ଉପରେ ଯେଉଁ ଆସ୍-ଟ୍ରେ ଚାପି ରଖି ଯାଇଥିଲା, ତା' ଭିତରୁ କେତେବେଳେ ଜଳନ୍ତା ସିଗାରେଟ୍‌ର ନିଆଁଗୁଳା ପଡ଼ି ଚିଠିକାଗଜରେ ବୃତ୍ତାକାରରେ ଗୋଟିଏ ଅଂଶ ଜଳିଯାଇଥିଲା ।

"ପ୍ରିୟତମା ସୁତପା" କ୍ରୁଶବିଦ୍ଧ ପରି ପୋଡ଼ା ଚିଠିକାଗଜ ଉପରେ ଯେପରି ଝୁଲି ରହିଥିଲା ।

ବିଂଶ ଶତାବ୍ଦୀର ସାହିତ୍ୟରୁ ନରନାରୀ ମଧ୍ୟରେ ପ୍ରେମ ନାମକ ଏକ ଆବେଗମୟ ସମ୍ପର୍କର ଅସ୍ତିତ୍ୱ ସୁବ୍ରତ ଜାଣିଥିଲା । ମାତ୍ର ଇତିମଧ୍ୟରେ ମହର୍ଷି ଫ୍ରୟେଡ୍ ପ୍ରେମ ଉପରେ ପ୍ରଥମ ଆକ୍ରମଣ ଆରମ୍ଭ କରି ତାହାକୁ କେବଳ "ଲିବିଡ଼ୋ" ବା ଯୌନପ୍ରବୃତ୍ତିର ରୂପାନ୍ତର ବୋଲି ବହୁ ଅଧ୍ୟବସାୟ ସହିତ ପ୍ରମାଣ କରିବା ପରେ, ପ୍ରେମ ହୃଦୟ ନାମକ ଅଂଶଟିରୁ କଟୀ ତଳକୁ ଓହ୍ଲାଇ ଆସିଥିଲା । ହୃଦୟ ଅବଶ୍ୟ ଆଜି ନୁହେଁ, ବିଗତ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରୁ ସୁଦ୍ଧା ଏକ ବାଇଓଲଜିକାଲ୍ ଇନଷ୍ଟ୍ରୁମେଣ୍ଟ ବା ଜୈବିକ ଯନ୍ତ୍ର ରୂପେ ବୁଝାଇ ଆସୁଅଛି । ମାତ୍ର ତାହା ପୂର୍ବରୁ ହୃଦୟ ଓ ହୃତ୍‌ପିଣ୍ଡ ମଧ୍ୟରେ ଯେଉଁ ପାର୍ଥକ୍ୟଟି ରହିଥିଲା, ତାହା ଇତିମଧ୍ୟରେ ସମ୍ପୂର୍ଣ୍ଣ ଭାବରେ ବିଚ୍ଛିନ୍ନ ହୋଇ ସାରିଥିଲା ।

ଫ୍ରୟେଡ, ଜଙ୍ଗ୍, ଆଡଲର୍ ଓ ପାଭ୍‌ଲଭ ପ୍ରମୁଖ ମହର୍ଷିମାନେ ସିଦ୍ଧାନ୍ତ ଦେଇ ଯାଇଛନ୍ତି, ହୃଦୟ ବା ମନ କେବଳ ଏକ କନ୍‌ଡ଼ିସନ୍‌ଡ୍ ରିଫ୍ଲେକ୍ସ ବା ଅଭ୍ୟାସବଦ୍ଧ ପ୍ରତିକ୍ରିୟା ମାତ୍ର! ମନୁଷ୍ୟର ସବୁ କୋମଳ ପ୍ରବୃତ୍ତି ଓ ସୌକୁମାର୍ଯ୍ୟ ଏକ ଜାନ୍ତବ ବିକୃତି ।

ମାର୍କସ୍ ନାମରେ ଅନ୍ୟ ଜଣେ ମହର୍ଷି, ମନୁଷ୍ୟକୁ ପରିଣତ କରିଥିଲେ ପୁଣି ଉତ୍ପାଦନ-ଯନ୍ତ୍ରର ଗୋଟିଏ ନଟ୍ ବୋଲ୍ଟ୍‌ରେ । ତା' ର କୌଣସି ସ୍ୱାତନ୍ତ୍ର୍ୟ ନାହିଁ ଅଥବା ବୈଶିଷ୍ଟ୍ୟ ନାହିଁ, ଜନତା ବା "ମାସ୍" ର ସେ ଏକ ଭଗ୍ନାଂଶ ମାତ୍ର! ବିଗତ ଶତାବ୍ଦୀର ଗଣତାନ୍ତ୍ରିକ ରାଷ୍ଟ୍ରନେତାମାନେ ସେହି ରୁଚି ଓ ସୌକୁମାର୍ଯ୍ୟବର୍ଜିତ, ଉତ୍ପାଦନ ଯନ୍ତ୍ରର ନିଷ୍ପ୍ରାଣ ନଟ୍‌ବୋଲଟ୍ ମନୁଷ୍ୟକୁ ରୂପାନ୍ତରିତ କରିଥିଲେ ଭୋଟଦାନର ଏକ ସୁଲଭ ଯନ୍ତ୍ରରେ । ଏବେ ଡିକ୍ଟେଟର୍‌ମାନେ ସେ ମନୁଷ୍ୟକୁ ଅବଶ୍ୟ ବ୍ୟବହାର କଲେଣି ନେତାମାନଙ୍କ ନାମରେ ଜୟଧ୍ୱନି ଦେବା ପାଇଁ ଲାଉଡ଼ସ୍ପୀକର୍ ରୂପେ!

ବିଗତ ଶତାବ୍ଦୀରୁ ଲଜ୍ଜା ନାମକ ଏକ ଭୂଷଣ ନାରୀମାନେ ଯେପରି ପରିହାର କରିଥିଲେ, ପୁଣି ପୁରୁଷମାନେ ଆତ୍ମସମ୍ମାନବୋଧ ଓ ପୌରୁଷ ପ୍ରଭୃତି ଗୁଣ ଯେପରି ଭୁଲିସାରିଥିଲେ, ଏହି ଶତାବ୍ଦୀରେ ନରନାରୀମାନେ କାବ୍ୟିକ-ପ୍ରେମ ନାମକ ଆବେଗଟିକୁ ସେହିପରି ସମ୍ପୂର୍ଣ୍ଣ ବର୍ଜନ କରିଅଛନ୍ତି । ଏବେ ଜରାୟୁ ବାହାରେ, ଲାବୋରେଟରୀରେ ସନ୍ତାନ ଉତ୍ପାଦନ ସମ୍ଭବ ହୋଇ ପାରୁଥିବାରୁ, ନାରୀ ପକ୍ଷରେ ମାତୃତ୍ୱର ଆଉ ଯେପରି କୌଣସି ଆବଶ୍ୟକତା ନାହିଁ, ପୁରୁଷ ପକ୍ଷରେ ପିତୃତ୍ୱ ମଧ୍ୟ ସେହିପରି ଏକ ଅବାନ୍ତର ଦାୟିତ୍ୱରେ ପରିଣତ ହେଲାଣି । ତଥାପି ଯେଉଁମାନେ ଆକସ୍ମିକ ଭାବରେ ରାତ୍ରିର ଅନ୍ଧ-ଉଜେନା ମଧ୍ୟରେ ପ୍ରତ୍ୟହ କୋଟି କୋଟି ସଂଖ୍ୟାରେ ରାସ୍ତାଧାରରେ, ଡଷ୍ଟବିନ୍ ଉହାଡ଼ରେ, ନର୍ଦ୍ଦମାକଡ଼ରେ କୀଟ, କୃମି ପରି ଜନ୍ମ ନେଉଛନ୍ତି, ସେମାନେ ସବୁ ଗୋଟିଏ ଗୋଟିଏ ଆକସ୍ମିକ ଦୁର୍ଘଟଣା ମାତ୍ର! ସେମାନଙ୍କ ସୃଷ୍ଟି ଡିକ୍ଟେଟର୍‌ମାନଙ୍କ ଦେଶପ୍ରେମୀ କମାଣର ଖୋରାକ ହେବା ପାଇଁ; ଅଥବା ରେଷ୍ଟୁରାଁମାନଙ୍କରେ ସୁଲଭ ଖାଦ୍ୟ ରୂପେ ପରିବେଷିତ ହେବା ଉଦ୍ଦେଶ୍ୟରେ । ଏ ଶତାବ୍ଦୀରେ ମନୁଷ୍ୟ ମାଂସ ମନୁଷ୍ୟର ଖାଦ୍ୟ ରୂପେ ବ୍ୟବହୃତ ହେଉଥିବାରୁ; ଜନବୃଦ୍ଧି ଖାଦ୍ୟସମସ୍ୟା ସମାଧାନରେ ମଧ୍ୟ ବହୁ ସହାୟକ ହୋଇଅଛି । ଚିକ୍‌ନ୍ ଏପରିକି ମଟ୍‌ନ୍ ଠାରୁ ମଣିଷର ମାଂସ ଆଜି ଶସ୍ତା ଓ ସୁଲଭ!

ଏ ଶତାବ୍ଦୀରେ ତେଣୁ ନରନାରୀଙ୍କ ମଧ୍ୟରେ କାବ୍ୟପ୍ରସିଦ୍ଧ ପ୍ରେମ ସ୍ୱପ୍ନସିଞ୍ଚିତ ପ୍ରେମ, ପ୍ରୋଟୀନ ଉତ୍ପାଦନ ବୃଦ୍ଧି ପାଇଁ କେବଳ ଏକ 'ଇନ୍‌ସେନ୍‌ଟିଭ୍' ବା ପ୍ରୋତ୍ସାହନରେ ପରିଣତ ହୋଇଅଛି ।

ମାତ୍ର ସୁତପା ସହିତ ସୁବ୍ରତର ସମ୍ପର୍କ, ଏ ନିୟମରୁ ସମ୍ଭବତଃ ବହିର୍ଭୂତ ଥିଲା । ସୁତପାର ସ୍ମୃତିରେ ସୁବ୍ରତ ଛାତିତଳେ ବେଶ୍ ଏକ ସ୍ୱର୍ଶାତୁର ବେଦନା ଅନୁଭବ କରିପାରୁଥିଲା । ଅପରେସନ୍‌ର ଶାଣିତ ଛୁରୀ ପରି ତାହା ସୁବ୍ରତର ହୃତ୍‌ପିଣ୍ଡର ପ୍ରତ୍ୟେକ ସ୍ନାୟୁକୁ ଯେପରି ତିଳେ ତିଳେ କତୁରାଇ ଯାଉଥିଲା ।

ସୁବ୍ରତର ମନେପଡ଼ିଲା, ଏ ହୃଦୟ ଯନ୍ତ୍ରଟିକୁ ମଧ୍ୟ ବଦଳାଇବା ପାଇଁ ପଡ଼ିବ । ତାହାର ସଙ୍କୋଚନ ପ୍ରସାରଣ କ୍ରମେ ଧୀରେ ଧୀରେ ମନ୍ଥରିତ ହୋଇଆସୁଚି । ପ୍ଲାଷ୍ଟିକ୍ ହୃଦୟ ଯନ୍ତଟି ମଧ୍ୟ ଆଜି ବିଗତ ଶତାବ୍ଦୀର ଡେଂଚର ବା ଦାନ୍ତ ପରି ସୁଲଭ । ମନୁଷ୍ୟ ତାରି ସାହାଯ୍ୟରେ ମାରାତ୍ମକ କରୋନାରୀ ଥ୍ରମ୍ବୋସିସ ଜୟ କରିପାରିଚି!

ଆଃ... ଏ ହୃଦୟ ଯନ୍ତଟାକୁ ଯଥାଶୀଘ୍ର ନ ବଦଳାଇଲେ ଆଉ ସ୍ୱସ୍ତି ନାହିଁ! ଆକାଶ ପରି ଏ ହୃଦୟଟା ଖାଲି ଖାଲି । ବଡ଼ ବେଦନାଦାୟକ ।

ସକାଳ ଆଠଟା...

ଗୋଟିଏ ନଭଶ୍ଚୁମ୍ବୀ ସ୍କାଇ-ସ୍କ୍ରାପରର ଏକବିଂଶ ମହଲାର ଗୋଟିଏ ଫ୍ଲାଟରେ ପାଞ୍ଚବର୍ଗଫୁଟ ବିଶିଷ୍ଟ ସୁବ୍ରତର ଶୋଇବାଘର । ସେଇ ନିରୁଦ୍ଧ ସଂକୀର୍ଣ୍ଣତା ଭିତରେ ସୁବ୍ରତର ନିଶ୍ୱାସ ରୁଦ୍ଧି ହୋଇ ଆସୁଥିଲା । ଅଣନିଶ୍ୱାସୀ ହୋଇ ସେ ବାହାରର ସଂକୀର୍ଣ୍ଣ ବାରଣ୍ଡାକୁ ଛୁଟି ଆସିଲା ।

ଦୁଇଫୁଟ ଚଉଡ଼ା ସାତଫୁଟ ଲମ୍ବର ଖଣ୍ଡେ ସାନ ବାରଣ୍ଡା । ତାହାର ଗୋଟିଏ କୋଣରେ ସୁବ୍ରତର ଉଡ଼ନ୍ତା ମୋଟର ବା ହୋଭର-କ୍ରାଫ୍ଟଟା ଅକାମୀ ହୋଇ ପଡ଼ିଥିଲା, ଗୋଟାଏ ଆହତ ଇଗଲପକ୍ଷୀ ପରି । ଗୋଟାଏ ଡେଣା ତା' ର ଜଖମ୍ ହୋଇଥିଲା । ବାରଣ୍ଡାର ରେଲିଙ୍ଗ ଉପରେ ଝୁଙ୍କି ସୁବ୍ରତ ତଳରାସ୍ତାର ଜନସ୍ରୋତ ଆଡ଼େ ଶୂନ୍ୟଦୃଷ୍ଟିରେ ଚାହିଁଲା ।

ଏକ ପ୍ରାଗୈତିହାସିକ ବନ୍ୟାସ୍ରୋତରେ ଆବର୍ଜନା ପରି ତଳରାସ୍ତାରେ ବହି ଚାଲିଚି ଟ୍ରାଫିକ୍‌ର ନିରବଚ୍ଛିନ୍ନ ସ୍ରୋତ । ଫୁଟ୍‌ପାଥ୍‌ରେ ମଧ ମଣିଷ ସବୁ ଚାଲିଛନ୍ତି ପିମ୍ପୁଡ଼ିଧାର ପରି । ମଣିଷ ମୁଣ୍ଡ ଓ ଟ୍ରାଫିକ୍‌ରେ ତଳର ପିଚୁରାସ୍ତା ଆଖିରେ ପଡୁ ନାହିଁ । ହୋଭର-କ୍ରାଫ୍ଟ୍ ସବୁ ଧୂଆଁଳିଆ କୁହୁଡ଼ିଢଙ୍କା ଆକାଶରେ ଏଣେ ତେଣେ ଉଡ଼ିଯାଉଛନ୍ତି, ବାଦୁଡ଼ି ପରି ।

ରାସ୍ତାକଡ଼ର ଇଲେକ୍‌ଟ୍ରିକ୍ ତାରରେ ସେଇ ଆଟାଚୀ ଭିତରୁ ସୁବ୍ରତର ପ୍ୟାଣ୍ଟ  କୋଟ୍ ସବୁ ଉପର ତଳ ହୋଇ ଝୁଲୁଛି, ଫାଶୀ ଖୁଣ୍ଟରେ ଆସାମୀର ବିବର୍ଣ୍ଣ ମୁର୍‌ଦାର ପରି! କେବଳ ରଙ୍ଗୀନ ଛିଟ କାମିଜ ଆଉ ଗୋଟାଏ ଲାଲ ରଙ୍ଗର 'ଟାଇ'  ପବନରେ ଉଡ଼ୁଚି ବେପରୁଆ ହୃଦୟ ପରି!

ତାହାକୁ ସଂଗ୍ରହ କରିବା ପାଇଁ ତଳେ ଫୁଟ୍‌ପାଥ ଉପରେ ସହସ୍ରାଧିକ ପଥଚାରୀ ଜନତା ପରସ୍ପର ମଧରେ ଖଣ୍ଡଯୁଦ୍ଧ ଆରମ୍ଭ କରି ଦେଇଥିଲେ । ସେମାନଙ୍କ ହିଂସ୍ର କୋଳାହଳ ଓ ଗର୍ଜନରେ ଟ୍ରାଫିକ୍‌ର କିଳିକିଳା ରଡ଼ି ସୁଦ୍ଧା ନୀରବ ହୋଇ ପଡ଼ିଥିଲା ।

ତଳର ଫୁଟ୍‌ପାଥ୍ ଏକ ଆଦିମ ମହାରଣ୍ୟ । ସାମ୍ପ୍ରତିକ ପରିସଂଖ୍ୟା ଅନୁସାରେ ସେଠାରେ ପ୍ରତି ପାଞ୍ଚ ମିନିଟ୍‌ରେ ଶହେ କୋଟି ରାହାଜାନି, ଦୁଇଶହ ଖୁଣ ଓ ଏକହଜାର ଯୌନ ଅପରାଧ ଘଟୁଅଛି ।

ଡିକ୍ଟେଟର  ଜବରଦସ୍ତ ସିଂହଙ୍କ ଶାନ୍ତିରକ୍ଷାକାରୀ ପୁଲିସ ବାହିନୀ ପ୍ରତି ଏକଘଣ୍ଟା ଅନ୍ତରରେ ହେଲିକପ୍‌ଟରରେ ଉଡ଼ି ତଳର ଜନତା ଉପରେ ମେସିନ୍‌ଗନ ଚଳାଇ ଶାନ୍ତି ଓ ଶୃଙ୍ଖଳା ରକ୍ଷା କରିଥାନ୍ତି; ଅର୍ଥାତ୍ ପଛରେ ପକାଇ ଯାଇଥାନ୍ତି ଶହ ଶହ ମୁରଦାର । ଏ ମହାରଣ୍ୟରେ ଆଦିମ କାଳର "ଜୋର ଯାର ମୂଲକ ତାର"  ସମାଜନୀତି ପୁଣି ଥରେ ପ୍ରବର୍ତ୍ତିତ ହୋଇଅଛି । ଅତି ସାମାନ୍ୟ ସାମାନ୍ୟ ଘଟଣା ଅଥବା ଦୁର୍ଘଟଣାରେ ସେଥିପାଇଁ ଗୋଟିଏ ଗୋଟିଏ ଭୟଙ୍କର ଖଣ୍ଡଯୁଦ୍ଧ ଲାଗି ଯାଉଅଛି!

ଏବେ ସେହିପରି ଏକ ଖଣ୍ଡଯୁଦ୍ଧ ଆରମ୍ଭ ହୋଇଥିଲା । ଅଳ୍ପକ୍ଷଣ ପରେ ଦୁଇଟା ହେଲିକପ୍‌ଟର ହିଂସ୍ର ଗର୍ଜନ କରି ଫୁଟ୍‌ପାଥ ଉପରକୁ ଓହ୍ଲାଇ ଆସିଲା । ହେଲିକେପ୍ଟରରୁ  ମେସିନ୍‌ଗନ ଷ୍ଟ୍ରାଫିଙ୍ଗ୍‌ରେ ଗୁଡ଼ାଏ ଲୋକ ଜନ୍ଦା ପିମ୍ପୁଡ଼ି ଦଳିହେବା ପରି ତଳେ ଲୋଟି ପଡ଼ିଲେ । ତା' ପରେ ସୁପରସିଟୀର ଅନ୍ୟ କୌଣସି ଅଞ୍ଚଳରେ ଶାନ୍ତିରକ୍ଷା ପାଇଁ ହେଲିକେପ୍ଟର ଦୁଇଟା ଉଡ଼ି ଚାଲିଗଲେ । ଫୁଟ୍‌ପାଥ ଉପରେ ପୁଣି ଶାନ୍ତି ଫେରିଆସିଲା । ଶ୍ମଶାନର ଶାନ୍ତି!

ଲାଲରଙ୍ଗର ଟାଇଟା ଇଲେକ୍‌ଟ୍ରିକ୍  ରେ ପବନରେ ତଥାପି ଉଡ଼ୁଥିଲା ଗୋଟାଏ ମଲା ଗୁଡ଼ିର କଙ୍କାଳ ପରି!

ସୁବ୍ରତ ତଥାପି ଭାବୁଥିଲା, ସୁତପାର ଠିକଣା ଆଉ ତା' ର ଚିଠି କଥା । ଚନ୍ଦ୍ରମଣ୍ଡଳରୁ ସୁତପା ଚିଠିରେ ଲେଖିଥିଲା... ଲ୍ୟୁନା ସହରର ସେହି ହୋଟେଲ ଲଞ୍ଜରୁ  ଟେଲିସ୍କୋପରେ  ପୃଥିବୀକୁ ଚାହିଁ ଦେଖିଲେ, ଏହାର ଅତ୍ୟାଚାରିତ ଭୂପୃଷ୍ଠ କୁଆଡ଼େ ଆଦୌ ଦେଖାଯାଏ ନାହିଁ । ଦେଖାଯାଏ କେବଳ ମାଇକ୍ରୋସ୍କୋପ-ଲେନ୍‌ସରେ ଯକ୍ଷ୍ମା ରୋଗୀର ଖଙ୍କାରରେ ପହଁରିବା ପରି ଅସୁମାରି ଜୀବାଣୁ । ମସ୍ତାନ୍ୟାୟରେ ସବଳ ଦୁର୍ବଳକୁ ଗ୍ରାସ କରିବାରେ ଲାଗିଛି । ସେସବୁ କିନ୍ତୁ ପୃଥିବୀର ଅଗଣିତ କୋଟି ମଣିଷ, ସ୍ୱପ୍ନହୀନ, ଆଦର୍ଶହୀନ, ହୃଦୟହୀନ, ଗୁଡ଼ିଏ ଯନ୍ତ୍ର-ପୁତ୍ତଳି, 'ଅଟୋମାଟନ୍ ।'

ସୁବ୍ରତ ଆଉ ଖଣ୍ଡେ ସିଗାରେଟ୍‌ରେ ନିଆଁ ଲଗାଇଲା ।

ସୁତପା ଚିଠିରେ ପଚାରିଲା... "କହି ପାରିବ, ତୁମର ପୃଥିବୀରେ ଏତେ ଇତସ୍ତତଃତା, ଏତେ ଚଞ୍ଚଳତା କାହିଁକି? କୁଆଡ଼େ ଚାଲିଛନ୍ତି ଏହି ହିଂସ୍ର ଆତ୍ମଘାତୀ ଜୀବାଣୁର ଦଳ?"

ସୁବ୍ରତ ଉତ୍ତର ଚିନ୍ତା କରୁଥିଲା... ସେମାନେ ସନ୍ଧାନ କରି ବୁଲୁଛନ୍ତି ସେହି ଭଗବାନକୁ, ଯାହାକୁ ପାଞ୍ଚଲକ୍ଷ ବର୍ଷ ପୂର୍ବେ କିମ୍ବା ତା ପୂର୍ବରୁ ନିଜ ହାତରେ ସୃଷ୍ଟି କରି, ପୁଣି ତାହାକୁ ସେମାନେ ହତ୍ୟା କରିଥିଲେ!

ମାତ୍ର ସୁତପାକୁ ସେ ଚିଠି ଲେଖା ହେବାର ଆଉ ସମ୍ଭାବନା ନାଇଁ । ସୁତପାର ଚିଠି ହଜିଯାଇଚି... ଚନ୍ଦ୍ରମଣ୍ଡଳରେ ସୁତପା ନିରୁଦ୍ଦିଷ୍ଟ ।

ସାମ୍‌ନା ସ୍କାଇସ୍କ୍ରାପର ଛାତ ଉପରେ ସ୍ପେସ ଟ୍ରାଭଲିଂ ଏଜେନ୍‌ସିର ବିଜ୍ଞାପନ ହୋଡ଼ିଙ୍ଗ... ସେଥିରେ ଚନ୍ଦ୍ରମଣ୍ଡଳକୁ ଯିବା ପାଇଁ ସାଳଙ୍କାର ଆମନ୍ତ୍ରଣ... ଏଇ ସପ୍ତାହ ଶେଷରେ ଦୁଇଟା ରକେଟ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡ ଟାଇମ ୧୬ ଘଣ୍ଟା ୨୭ ମିନିଟ୍ ୧୨ ସେକେଣ୍ଡରେ ଛାଡ଼ିବ... ଚନ୍ଦ୍ରମଣ୍ଡଳର ରକେଟ ଘାଟୀ ମୋଟେ ୨୧ ଘଣ୍ଟାର ବାଟ... ଯାତ୍ରୀବାହୀ ରକେଟ ସବୁ ଭୂପୃଷ୍ଠରୁ ଫାୟାର ହେବା ମାତ୍ରେ ମାଧ୍ୟାକର୍ଷଣଘୂର୍ଣ୍ଣି ଡେଇଁ ମହାଶୂନ୍ୟକୁ ଉଠିଯିବେ! କିନ୍ତୁ ସେଠାରୁ ଝଞ୍ଜା ମହାସାଗର ଉପକୂଳରେ ଲ୍ୟୁନା ସହର କେତେ ବାଟ? ସେ ସହରର କେଉଁ ଗଳି, କେଉଁ ରାସ୍ତା, କେଉଁ ମୋଡ଼ରେ ପୁଣି ସୁତପାର ହୋଟେଲ?.... ସବୁ ଠିକଣା ନିରୁଦ୍ଦିଷ୍ଟ!

ଆକାଶରେ, ସୁପରସିଟୀର ଦିଗ୍‌ବଳୟ ରେଖାର ଅଳ୍ପ ଊର୍ଦ୍ଧ୍ୱରେ ଖଣ୍ଡେ ପାଉଁଶିଆ ମେଘର ପୃଷ୍ଠଭୂମିରେ, କାଲି ରାତିର ବିକଳାଙ୍ଗ ମଳା ଜହ୍ନଟା ଝୁଲୁଥିଲା ବିମର୍ଷ ବେଲୁନ ପରି ।

ପୃଥିବୀରୁ ମୋଟେ ୨୧ଘଣ୍ଟାର ରାସ୍ତା... ତଥାପି ଚନ୍ଦ୍ରମଣ୍ଡଳରେ ସୁତପାର ହୋଟେଲ ପାଇବାର ସୀମା ବାହାରେ, ବହୁ ଦୂରରେ! ସେ ଠିକଣା ହଜିଯାଇଚି ।

ବିଗତ ଶତାବ୍ଦୀର କାବ୍ୟ କବିତାମାନଙ୍କରେ ବର୍ଣ୍ଣିତ, ଗୋଟାଏ ଅବର୍ଣ୍ଣନୀୟ ଭାବାବେଗ, ଗୋଟାଏ ଅତୃପ୍ତି, ଗୋଟାଏ ଅନ୍ତର୍ଦାହ ସୁବ୍ରତର ଅନ୍ତଃସ୍ଥଳକୁ ମଥିତ କରିଦେଉଥିଲା ।

ସୁତପା...ତା' ର ସ୍ମୃତି, ମଳାହୃଦୟର ଶେତା ଆକାଶରେ ଝୁଲି ରହିଥିଲା, କାଲି ରାତିର ପୋଡ଼ାଜହ୍ନ ପରି!

ସୁବ୍ରତର ମନେପଡୁଥିଲା...

ସେଦିନ ଗୋଟିଏ ମମତା-ନିବିଡ଼ ସନ୍ଧ୍ୟା ।

ସୁତପା ହଠାତ୍ ଅକାରଣରେ ସୁବ୍ରତର ହାତଟା ନିଜ ହାତ ପାପୁଲି ମଧ୍ୟରେ ଚାପି ଧରି କହିଥିଲା... "ଏଥର ଆମେ ବିବାହ କରିବା ସୁବ୍ରତ, ତା' ପରେ ଚାଲିଯିବା ଚନ୍ଦ୍ରମଣ୍ଡଳକୁ, ଏ ପୃଥିବୀ ଆମପାଇଁ ନୁହେଁ!"

ବିବାହ ଶବ୍ଦଟାର ଅର୍ଥ ସୁବ୍ରତ ପ୍ରଥମେ ହଠାତ୍ ବୁଝିପାରି ନ ଥିଲା । ଅତୀତରେ ଏହିପରି ଏକ ସାମାଜିକ ବିଧାନ ପ୍ରଚଳିତ ଥିଲେ ହେଁ, ବିଗତ ଶତାବ୍ଦୀରୁ ସମାଜରେ ବିବାହବନ୍ଧନ ଲୋପ କରିବା ପାଇଁ ଏକ ଧାରାବାହିକ ଆକ୍ରମଣ ଆରମ୍ଭ ହୋଇଥିଲା । ପୁରୁଷ ଓ ନାରୀ, ପ୍ରତ୍ୟେକେ ପ୍ରତ୍ୟେକଠାରେ କୌଣସି ଏକ ରହସ୍ୟର ସନ୍ଧାନରେ ବିବାହ ବନ୍ଧନରେ ଆବଦ୍ଧ ହେଉଥିଲେ! ମାତ୍ର ସହବାସିନୀ ହେବାପାଇଁ ନାରୀ ସେଦିନ

ପୁରୁଷର ଯେତେ ଆକାଂକ୍ଷିତା ନ ଥିଲା; ସେତେ ବେଶୀ ତା' ର ଆବଶ୍ୟକ ଥିଲା ଜନନୀ ହେବାପାଇଁ । ସ୍ତ୍ରୀ ଠାରୁ ସେ ଆଶା କରୁଥିଲା ଜନନୀର ଅନାପେକ୍ଷିତ ପ୍ରେମ । ସେହିପରି ନାରୀ ପକ୍ଷରେ ପୁରୁଷର ଆବଶ୍ୟକତା ସ୍ୱାମୀତ୍ୱ ପାଇଁ ଯେତେ ନ ଥିଲା, ସେତେ ଥିଲା ଗୃହପୋଷ୍ୟ ଏକ ଅନୁଗତ ସହଚର ପାଇଁ! ଏହି ଉଦ୍ଦେଶ୍ୟ ସଙ୍କଟ ମଧ୍ୟରେ ବିବାହ ଅପେକ୍ଷା, ବିବାହ-ବିଚ୍ଛେଦ କ୍ରମେ ଏକ ସାମାଜିକ ବିଧାନରେ ପରିଣତ ହୋଇପଡ଼ିଥିଲା ।

ସେଥିପାଇଁ ସୁତପାର ଏ ବିଚିତ୍ର ପ୍ରସ୍ତାବ ଶୁଣି, ସୁବ୍ରତ ପଚାରିଲା... "ଆମେ ବିବାହ କଲେ, ସମାଜ ଆମକୁ ଏ ଦୁଃସାହସିକ ଅନାଚାର ପାଇଁ କ୍ଷମା ଦେବେ ତ? ଆମର ମୁକ୍ତ ସମାଜ ଆଜି ବିବାହ-ବନ୍ଧନକୁ ବରଦାସ୍ତ କରିବ କିପରି?"

ସୁତପା ଅକାରଣରେ ଆଙ୍ଗୁଠିରେ ନଖ ସବୁ ଚୋବାଇ ଚୋବାଇ ସେ ଜଟିଳ ପ୍ରଶ୍ନର ଉତ୍ତର ଚିନ୍ତା କରୁଥିଲା ।

ସେତେବେଳେ ଯାଇଁ ସୁବ୍ରତ ଲକ୍ଷ କରି ଦେଖିଲା, ସାମ୍ପ୍ରତିକ ପରିଚ୍ଛଦା ରୁଚି ଅନୁସାରେ, ସୁତପା ଅଣ୍ଟାତଳେ ଖଣ୍ଡେ ନାଇଲନ ଜଙ୍ଘିଆ ଗୁଡ଼ାଇ ଅନ୍ୟ ନାରୀମାନଙ୍କ ପରି ଅନାବୃତା ନ ଥିଲା । ତା' ର ମେଦୁଳ ସ୍ତନ ଦୁଇଟି ରବର ତିଆରି ସ୍ତନକୋଷ ମଧ୍ୟରେ ସୁତୀକ୍ଷ୍ଣ ଦିଶୁ ନ ଥିଲା । ଉଲଙ୍ଗତା ମଧ୍ୟରେ ସେ ଏକ ଯୌନଯନ୍ତ୍ର ପରି ଦିଶୁ ନ ଥିଲା ।

ଅତୀତ ଶତାବ୍ଦୀରେ ନାରୀମାନେ ଯେପରି ଶାଢ଼ି ଓ କାଂଚଲା ପ୍ରଭୃତି ପରିଧେୟ ପିନ୍ଧୁଥିଲେ ଓ ଯେଉଁ ପ୍ରସାଧନରୁଚି ପାଇଁ ଭାରତୀୟା ନାରୀ ଏକଦା ପ୍ରସିଦ୍ଧ ଥିଲା, ସୁତପା ସେହିପରି ଶାଢ଼ି ଓ କାଂଚଲା ପ୍ରଭୃତି ଏବେ ପିନ୍ଧିଥିଲା । ସେପରି ପରିଚ୍ଛଦ ପରିପାଟୀ ସମ୍ପର୍କରେ ଏବେ ବିଶ୍ୱବିଦ୍ୟାଳୟ ଓ ପ୍ରସାଧନ-ବ୍ୟବସାୟ-ପ୍ରତିଷ୍ଠାନମାନଙ୍କରେ ଗବେଷଣା ଚାଲିଥିଲେ ହେଁ ସାଧାରଣ ଚଳଣିରେ ତାହା ଆଉ ପ୍ରଚଳିତ ନ ଥିଲା । ମାତ୍ର ସେହି ପ୍ରସାଧନ ପରିପାଟୀ ସୁତପାକୁ ଏପରି ଲୋଭନୀୟା ଓ ମନୋହାରିଣୀ କରିଦେଇଥିଲା ଯେ, ସେଦିନ ସୁତପାକୁ ଦେଖିବା ପାଇଁ ଏକ କୌତୂହଳୀ ଜନତା ଭିଡ଼ ବାନ୍ଧିବାରୁ ଟ୍ରାଫିକ୍ ସବୁ ବନ୍ଦ ହୋଇଯିବା ଉପରେ ହୋଇଥିଲା । ଟେଲିଭିଜନ୍ ଓ ସମ୍ବାଦପତ୍ରର କାମେରାମାନ୍‌ମାନେ ସୁତପାର ଫଟୋ ଉଠାଇବା ପାଇଁ ସେଇ ଭିଡ଼ ଭିତରେ ପ୍ରାଣାନ୍ତକ ସଂଗ୍ରାମ ଆରମ୍ଭ କରି ଦେଇଥିଲେ ।

ସୁବ୍ରତ ଅବସ୍ଥାର ଗତି ଲକ୍ଷ୍ୟ କରି ସୁତପାକୁ ହଠାତ୍ ହୋଭରକ୍ରାଫ୍ଟ ଭିତରକୁ ଟାଣିନେଇ, ଭିଡ଼ ଭିତରୁ ନିଜ ଫ୍ଲାଟ୍ ଭିତରକୁ ଉଡ଼ିଗଲା । ତା' ନ ହେଲେ ସେ ଭିଡ଼ ଓ ଠେଲାପେଲା ଭିତରେ ସୁତପା ସେଦିନ ଅକ୍ଷତ ଦେହରେ ଫେରିବାର ସମ୍ଭାବନା ନ ଥିଲା ।

ନାରୀ, ଅନାବୃତା ଓ ଅକୁଣ୍ଠିତା ହୋଇ, ଏକ ନିଷ୍ପ୍ରାଣ ଯୌନ ଯନ୍ତ୍ରରେ ପରିଣତ ହେବା ପୂର୍ବରୁ ଅବଗୁଣ୍ଠନ, ଲଜ୍ଜା ଓ ସୌକୁମାର୍ଯ୍ୟ ମଧ୍ୟରେ ଜ୍ୱାଳାମୟୀ ସ୍ୱପ୍ନ-ନାୟିକା ପରି ଏକଦା ଶତଶତ ପୁରୁଷକୁ ପତଙ୍ଗ ପୁରୁଷକୁ ପତଙ୍ଗ ପରି ଲମ୍ଫ ଦେବାପାଇଁ ଆମନ୍ତ୍ରଣ କରୁଥିଲା; ଏ ଯେପରି ଅନାଦି କାଳର ସେହି ରହସ୍ୟମୟୀ... ଅର୍ଦ୍ଧେକ ମାନବୀ, ଅର୍ଦ୍ଧେକ କଳ୍ପନା!

ସୁବ୍ରତ କିନ୍ତୁ ବହୁଦିନୁ ସମସ୍ତ ଯୌନକ୍ଷୁଧା ହରାଇ ହଠାତ୍ ଏକ ନପୁଂସକ ହୋଇପଡ଼ିଥିଲା । ତା' ର ପୌରୁଷକୁ ଉଜ୍ଜୀବିତ କରିବା ପାଇଁ ନାରୀଠାରେ ଆଉ କୌଣସି ଉପାଦାନ ନ ଥିଲା । ମାତ୍ର ସୁତପା ସେଦିନ କିପରି ଯେ ତା' ର ଲୁପ୍ତ ଯୌନ କ୍ଷୁଧାକୁ ପୁନରୁଜ୍ଜୀବିତ କରିଥିଲା, ସୁବ୍ରତ ତାହା ବୁଝିପାରି ନ ଥିଲା । ପୁଣି ସୁବ୍ରତ ଯେ ଏପରି ହିଂସ୍ର ହୋଇପାରେ, ସେପରି ଅନୁଭୂତି ସୁତପାର ମଧ୍ୟ ଇତିପୂର୍ବରୁ କେବେ ନ ଥିଲା । ତଥାପି ଏ ସବୁ ସତ୍ତ୍ୱେ ସୁତପାକୁ ବିବାହ କରିବା ପାଇଁ ସୁବ୍ରତ ନିଜ ଭିତରେ କୌଣସି ଶକ୍ତି ବା ସାହସ ଖୋଜି ପାଉ ନ ଥିଲା ।

ତା' ପରେ ସୁତପା ଚାଲିଯାଇଥିଲା ଚନ୍ଦ୍ରମଣ୍ଡଳକୁ, ବାପା ତା' ର ସେଠି ଏକ ସୁନାଖଣିରେ ଠିକାଦାର ।

ସୁବ୍ରତ ଗୋଟିଏ ଦୀର୍ଘନିଃଶ୍ୱାସ ପକାଇଲା ।

ସାମ୍ନାରେ ଆଉ ଗୋଟାଏ ଶୂନ୍ୟଗର୍ଭ ଦିନ ଖୋଲାହୋଇ ପଡ଼ିଥିଲା ଖଣ୍ଡେ ସାଦା କାଗଜ ପରି । ସ୍ୱପ୍ନ ନାହିଁ, ସମ୍ଭାବନା ନାହିଁ, କର୍ମପ୍ରେରଣା ମଧ୍ୟ ନାହିଁ, ଡିଉଟି ଆରମ୍ଭ ହେବ ରାତି ସିଫ୍ଟରେ ସେ ମଧ୍ୟ ଘଣ୍ଟାକର କାର୍ଯ୍ୟ । 'ଇନ୍‌ପୁଟ୍' , 'ଆଉଟପୁଟ' , 'ମାଟ୍ରିକ୍‌ସ୍' , 'ଫିଡ୍‌ବାକ୍' ପ୍ରଭୃତି, କେତେଟା 'ଡାଟା' ଠିକଣା କରି ସେ କମ୍ପ୍ୟୁଟର ଯନ୍ତ୍ର ଭିତରକୁ ମୁହାଁଇଦେଲେ କାର୍ଯ୍ୟ ଖତମ୍ ।

ସୁବ୍ରତ ଗୋଟିଏ ସାହିତ୍ୟ-କାରଖାନାର ମେଣ୍ଟିନାନ୍ସ ଇଞ୍ଜିନିୟର! ସେ କାରଖାନାରେ କମ୍ପ୍ୟୁଟର ଯନ୍ତ୍ରମାନଙ୍କରେ କବିତା, ଗପ, ଉପନ୍ୟାସ ଓ ରମ୍ୟରଚନା ସବୁ ଉତ୍ପାଦିତ ହୁଏ ।

ଲେଖା-ଟେବୁଲ ଉପରେ ସୁତପାକୁ ଲେଖା ଚିଠି ଖଣ୍ଡ ଆରମ୍ଭ ନ ହେଉଣୁ ଅସମାପ୍ତ ହୋଇ ପଡ଼ିଥିଲା । ସକାଳ ପବନରେ ନେଳି କାଗଜଖଣ୍ଡ ଅଶାନ୍ତ ହୃଦୟ ପରି ଚଞ୍ଚଳ ହୋଇ ଉଠୁଥିଲା । ମାତ୍ର ତା' ଉପରେ ସିଗାରେଟ୍ ଆସ୍-ଟ୍ରେର ଚାପା ।

ସୁବ୍ରତ ପଞ୍ଜୁରି ପରି ଲାଗୁଥିବା ତା'ର ଫ୍ଲାଟ କୋଠରୀ ଭିତରୁ ବାହାରି ଲିଫ୍ଟରେ ତଳକୁ ଓହ୍ଲାଇ ଆସିଲା ।

ରେସ୍ତୁରାଁର ନାମ .... ଗୁମ୍ଫା ।

ପ୍ରାଗୈତିହାସିକ, ପୁରାତନ ପ୍ରସ୍ତର-ଯୁଗର ହୋମୋ-ଫାବ୍‌ରର ଆବାସସ୍ଥଳୀ, ଗୁମ୍ଫାର ରୂପାନ୍ତର! ସେହିପରି ବନ୍ୟ, ଆଦିମ ଶୈଳୀରେ ତାହାର ମଧ୍ୟ ବିନ୍ୟାସ ହୋଇଅଛି । ଗରାଖମାନଙ୍କର ଯିବା ଆସିବା, ଭିଡ଼ ଓ କୋଳାହଳରେ ରେସ୍ତୁରାଁଟି କ୍ରୁଦ୍ଧ ମହୁଫେଣାର ଭ୍ରମ ସୃଷ୍ଟି କରିଥାଏ ।

ସିଗାରେଟ ଧୂଆଁ କୁହୁଡ଼ିପରି ରେସ୍ତୁରାଁ ଭିତରେ ମାଡ଼ି ଯାଇଅଛି । ପଙ୍ଖା ପବନରେ ଧୂଆଁର କୁହୁଡ଼ି, ଗୋଟିଏ ପ୍ରାଗୈତିହାସିକ ସରୀସୃପ କେତେବେଳେ ଉପରକୁ ଉଠିବା ପୁଣି ତଳକୁ ଖସିବାପରି ଦିଶୁଛି! ରୋବୋଟ-ଚାଳିତ ଗୋଟାଏ ଜ୍ୟୁକ୍‌ବକ୍‌ସରେ ଯନ୍ତ୍ରସଙ୍ଗୀତ ଅର୍କେଷ୍ଟ୍ରା ବାଜୁଚି... ମାତ୍ର ସେଥିରେ ସ୍ୱରସଙ୍ଗତି ନାହିଁ, ଅଛି କେବଳ ଗୁଡ଼ାଏ କାନଫଟା ଚିତ୍କାର; ଏକବିଂଶ ଶତାବ୍ଦୀର ସର୍ବାଧୁନିକ ପପ୍ ସଙ୍ଗୀତ ।

ରେସ୍ତୁରାଁ ମଝିରେ ଗୋଟିଏ ଅନୁଚ୍ଚ ପ୍ଲାଟଫର୍ମ ଉପରେ ଦୁଇଟି ଲଙ୍ଗୁଳୀ ନର୍ତ୍ତକୀ ସେହି ସଙ୍ଗୀତ ସହିତ ତାଳରଖି ନାଚିବା ଆରମ୍ଭ କରିଥିଲେ । ସେମାନଙ୍କ କ୍ଷୀଣକଟୀ ତଳେ ଲଜ୍ଜାବରଣର ସଂକ୍ଷିପ୍ତତମ ଆବ୍ରୁ ଟିକକ ସୁଦ୍ଧା ନ ଥିଲା । ବିଂଶ ଶତାବ୍ଦୀ କାଳରୁ ସବୁ ଆବରଣ ଫିଙ୍ଗି ଅନାବୃତା ହେବା ପାଇଁ ସଭ୍ୟତା ଓ ମୁକ୍ତି ନାମରେ ଯେଉଁ ଯବନିକା ଉତ୍ତୋଳିତ ହୋଇଥିଲା, ଆଜିକୁ ତାହା ଚରମ ଉଲ୍ଲଙ୍ଗତାରେ ପହଂଚିଥିଲା ।

ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ପୁରୁଷମାନେ ହୀନବୀର୍ଯ୍ୟ ହୋଇ ପଡ଼ିଥିବାରୁ ସେମାନଙ୍କ ଯୌନମାନ୍ଦ୍ୟ ଉଦ୍ଦୀପିତ କରିବା ପାଇଁ, ସାହିତ୍ୟ, କଳା, ନୃତ୍ୟ ଓ ଅଭିନୟଠାରୁ ପରିଚ୍ଛଦ ପ୍ରସାଧାନ ପର୍ଯ୍ୟନ୍ତ ସବୁଥିରେ ଯୌନ ବିକୃତି ଓ ଉଲ୍ଲଙ୍ଗତାକୁ ପ୍ରୋତ୍ସାହିତ କରାଯାଇ ଆସୁଥିଲା । ମାତ୍ର ଏ ଶତାବ୍ଦୀରେ ତାହା ପୁରୁଷର ଲୁପ୍ତ ପୌରୁଷକୁ ଉଜ୍ଜୀବିତ କରିବା ପରିବର୍ତ୍ତେ କ୍ରମେ ତାହାକୁ ଆହୁରି ହୀନବୀର୍ଯ୍ୟ କରି ଦେଇଥିଲା । ଅନାବୃତ ପୂର୍ଣ୍ଣ ଉଲ୍ଲଙ୍ଗତା ମଧ୍ୟରେ କେବଳ ପୁରୁଷର କାମୋଦ୍ରେକ ହୋଇ ପାରୁଥିଲା । ତା' ନ ହେଲେ ମଧ୍ୟଯୁଗୀୟ ପୁରୁଷମାନଙ୍କର କାମପ୍ରବଣତା ତୁଳନାରେ ଏ ଶତାବ୍ଦୀର ପୁରୁଷକୁଳ ଯଥେଷ୍ଟ ନିଷ୍କାମ ଥିଲେ!

ଏ ଶତାବ୍ଦୀରେ ପୁରୁଷର ପ୍ରୟାସ ଥିଲା ତେଣୁ ନାରୀ ହେବା ପାଇଁ । ଏ ଆଭିମୁଖ୍ୟ ଅବଶ୍ୟ ଗତ ଶତାବ୍ଦୀରୁ ଆରମ୍ଭ ହୋଇଥିଲା । ମାତ୍ର ଚଳିତ ଶତାବ୍ଦୀରେ ତାହା ଚୂଡ଼ାନ୍ତ ସୀମା ସ୍ପର୍ଶ କରିଥିଲା । ଯୁବକମାନଙ୍କର ପରିଚ୍ଛଦ ବିନ୍ୟାସରେ ତାହା ଥିଲା ସୁସ୍ପଷ୍ଟ । ନାରୀମାନଙ୍କର ପରି ସେମାନଙ୍କ

ମୁଣ୍ଡର ବାଳ ସବୁ 'ବବ୍‌ଡ୍' ହୋଇ ଛଂଟା । ପ୍ୟାଣ୍ଟ ସବୁ ଏପରି ସିଲେଇ ଯେ, ଜାନୁ ନିତମ୍ବର ରେଖା ସବୁ, ନାରୀର ଅଙ୍ଗରେଖା ପରି ସେଥିରେ ବର୍ତ୍ତୁଳ ଦେଖାଯାଏ । ସାର୍ଟ ଓ ଜାକେଟ୍ ସବୁ ଛିଟକନାରେ ତିଆରି । ଦୂରରୁ ସେମାନଙ୍କୁ ଦେଖିଲେ ଅନେକ ସମୟରେ ଅତ୍ୟାଧୁନିକା ନାରୀର ଭ୍ରମ ସୃଷ୍ଟି ହୋଇଥାଏ ।

ରେସ୍ତୁରାଁ ଭିତରେ ସେହିପରି ବେଶବାସରେ ସୁବେଶିତ ଶହ ଶହ ଯୁବକ ଓ ପ୍ରାୟୋଲ୍ଲଙ୍ଗା ଯୁବତୀ ରେସ୍ତୁରାଁର ପ୍ରତ୍ୟେକ ଇଞ୍ଚ ପରିମିତ ସ୍ଥାନ ଦଖଲ କରି ବସିଥିଲେ । ଯୁବକମାନେ କେବଳ ଯୁବକମାନଙ୍କ ସହିତ ଓ ଯୁବତୀମାନେ ଯୁବତୀମାନଙ୍କ ସହିତ ଅତ୍ୟନ୍ତ ଆବିଷ୍ଟ ଭାବରେ ଆଳାପରତ ଥିବାରୁ ନର୍ତ୍ତକୀ ଦୁଇଜଣଙ୍କର ଉଲ୍ଲଙ୍ଗ ତାଣ୍ଡବପ୍ରତି ଦୃଷ୍ଟି ଦେବା ପାଇଁ କାହାରି ଅବକାଶ ନ ଥିଲା । ଯନ୍ତ୍ରଚାଳିତ ରୋବୋଟ୍‌ମାନେ ରେସ୍ତୁରାଁ ଭିତରେ ବିଭିନ୍ନ ଟେବୁଲରେ ଖାଦ୍ୟ ପରିବେଷଣ କରୁଥିଲେ । 'ଗୁମ୍ଫା' ର ପଥୁରିଆ କାନ୍ଥରେ ନିଅନ୍ ଆଲୋକିତ ଗୋଟିଏ ବିଜ୍ଞାପନ ଝୁଲୁଥିଲା । ସେଥିରେ ଲେଖାଥିଲା :

"ଆମର ବିଶେଷତ୍ୱ – 'ବ୍ରେଷ୍ଟ' କଅଁଳ ଛାତି କଟଲେଟ୍ "ଲିପ୍‌ସ୍‌ର ଫ୍ରାଇ" ! ଏ ସବୁ ମଣିଷ-ମାଂସରେ ପ୍ରସ୍ତୁତ!

ରେସ୍ତୁରାଁ ଭିତରେ ସିଗାରେଟ୍ ଧୂଆଁର କୁହୁଡ଼ିରେ ଭାସି ଭାସି ସୁବ୍ରତ, ବହୁ ଅନ୍ୱେଷଣ ପରେ ଗୋଟିଏ ନିରୋଳା ସ୍ଥାନ ପାଇ ସେଠାକୁ ଆସିଲା । ତାହା ଠାରୁ ଅଦୂରରେ ଦୁଇଟି ଲଙ୍ଗୁଳୀ ନିତମ୍ବିନୀ ପ୍ରୌଢ଼ା ଓଠରେ ଗୋଟିଏ ଗୋଟିଏ 'ଷ୍ଟ୍ର' ଚାପି କୋଲଡ ଡ୍ରିଙ୍କ ପିଉଥିଲେ, ଆଉ ସୁବ୍ରତ ଆଡ଼େ ଅର୍ଥପୂର୍ଣ୍ଣ ଦୃଷ୍ଟିରେ ଚାହିଁ ନିଜ ମଧ୍ୟରେ କ' ଣ କଥାବାର୍ତ୍ତା ହେଉଥିଲେ । ସେମାନଙ୍କ ଦୃଷ୍ଟିରୁ ଆତ୍ମରକ୍ଷା ପାଇଁ ସୁବ୍ରତ ମୁହଁ ଉପରେ ଖଣ୍ଡେ ଖବରକାଗଜ ମେଲାଇ ଧରିଲା ।

ଟେବୁଲ୍‌ରେ ବସି ସୁଇଚ ଟିପିବା ମାତ୍ରେ ଗୋଟିଏ ରୋବୋଟ୍ ସୁବ୍ରତ ଆଖି ଆଗରେ ମେନୁ-କାର୍ଡ଼ ଖଣ୍ଡେ ମେଲାଇ ଧରିଲା ।

ସୁବ୍ରତର ଇଚ୍ଛା ଥିଲା, କୋଲଡ଼ ରାଇସ (ପଖାଳ), କିଛି ସ୍ପିନାଚ କକ୍‌ଟେଲ (ଶାଗଭଜା), ଚିଲିସସ୍(ଲଙ୍କାମରିଚ) ଦେଇ ଖାଇବା ପାଇଁ । ମାତ୍ର ଚାଉଳ ଏବେ ଅତ୍ୟନ୍ତ ଦୁଷ୍ପ୍ରାପ୍ୟ ଥିବାରୁ ଏ ସବୁ ମଧ୍ୟ ଅତ୍ୟନ୍ତ ଦୁର୍ମୂଲ୍ୟ ଥିଲା । ତା' ଅପେକ୍ଷା ମଣିଷର ବ୍ରେଷ୍ଟ-ପାଇ ଯଥେଷ୍ଟ ସୁଲଭ-!

ସଭ୍ୟତାର ଆଦିମକାଳରେ ଶିଶୁହତ୍ୟା କୁମାରୀହତ୍ୟା କାଳେ ସମାଜରେ ଏକ ପ୍ରତିଷ୍ଠିତ ଧର୍ମାଚାର ଥିଲା । ମାତ୍ର ଜନସଂଖ୍ୟା ଏବେ ପୂର୍ବ ଶତାବ୍ଦୀ ତୁଳନାରେ ତିନିଗୁଣ ବଢ଼ିବା ପରେ, ପୁଣି ସେହି ଆଦିମ ସମାଜବିଧାନ ଫେରି ଆସିଅଛି । ଶିଶୁ ଓ ବାଳିକାମାନେ ବଜାରରେ ମାଛ, କୁକୁଡ଼ା ପରି ଏବେ ବିକ୍ରି ହେଉଛନ୍ତି ପ୍ରଚୁର!

ସୁବ୍ରତ ବ୍ରେଷ୍ଟ-କଟଲେଟ ଆଉ ଲିପ୍‌ସ-ପାଇ ଅର୍ଡ଼ର ଦେଇ ଖଣ୍ଡେ ସିଗାରେଟରେ ନିଆଁ ଲଗାଇ ସେଥିରୁ କେଇ କଳ ଧୂଆଁ ଛାଡ଼ି ଜୁକବକସ୍ ପାଖ ମଞ୍ଚ ଉପରେ ଲଙ୍ଗୁଳୀ ନର୍ତ୍ତକୀମାନଙ୍କର କାଳିଶୀ ନାଚ ଆଡ଼େ ଚାହିଁଲା ।

ନର୍ତ୍ତକୀମାନେ ସେମାନଙ୍କ ନୃତ୍ୟର ଶେଷ ଅଂଶରେ ପହଞ୍ଚିଥିଲେ । ଏହି ନୃତ୍ୟଟିର ନାମ "ବ୍ଲୁନାଇଟ" ବା "ନୀଳରାତ୍ରି!" ଏହାର ଶୈଳୀ ହେଉଚି ଲଙ୍ଗୁଳୀ ନର୍ତ୍ତକୀମାନେ ଅନାବୃତ ଅଙ୍ଗପ୍ରତ୍ୟଙ୍ଗ ପ୍ରଥମେ ବିଭିନ୍ନ କୋଣରୁ ପ୍ରଦର୍ଶିତ କରିବା ପରେ, ଅର୍କେଷ୍ଟ୍ରାର ଉଦ୍ଦଣ୍ଡ-ମୂର୍ଚ୍ଛନା ଧୀରେ ଧୀରେ ମୃଦୁ ଓ କୋମଳ ହୋଇ ଆସିବ । ତା' ପରେ ଲଙ୍ଗୁଳୀ ନର୍ତ୍ତକୀମାନେ ଅଣ୍ଟା ତଳେ କୌପୁନୀଠାରୁ ଆରମ୍ଭ କରି, ଅଣ୍ଡରଓୟାର, ଫ୍ରକ୍, ବଡ଼ିଜ୍, ବ୍ଲାଉଜ ପ୍ରଭୃତି, ପରିଚ୍ଛଦ ଗୋଟିଏ ଗୋଟିଏ କରି ପୁଣି ପିନ୍ଧି, ପାଦଠାରୁ ବେକ ପର୍ଯ୍ୟନ୍ତ ପ୍ରତ୍ୟେକ ଅନାବୃତ ଅଙ୍ଗ ପ୍ରତ୍ୟଙ୍ଗକୁ ଆବୃତ କରିଦେବେ । ଅବଶେଷରେ ସେମାନେ ଯେତେବେଳେ ମୁଣ୍ଡ ଉପରେ କୁହୁଡ଼ି ରଙ୍ଗର ଖଣ୍ଡେ ଖଣ୍ଡେ ଦୋପଟ୍ଟା ପକାଇ, ଅବଗୁଣ୍ଠନଟିକୁ କପାଳ ଉପରକୁ ଟାଣି

ଆଣିବେ, ସେତେବେଳେ ଏ ନୃତ୍ୟ ଚରମ ପରିଣତି ବା କ୍ଲାଇମାକ୍ସରେ ପହଞ୍ଚିବ । କ୍ଲାଇମାକସ ଆଡ଼େ ନୃତ୍ୟ ଯେତିକି ଗତି କରୁଥିବ, ଦର୍ଶକମାନେ କ୍ରମେ ସେତିକି ପ୍ରମତ୍ତ ହୋଇ ଉଠୁଥିବେ । ଏହା ଏକ ବିଶେଷ ଲୋକପ୍ରିୟ ନୃତ୍ୟ । ମାତ୍ର ଏ ନୃତ୍ୟଟି ଦେଖିଲେ ସୁବ୍ରତ କେଜାଣି କାହିଁକି ଅତ୍ୟନ୍ତ ବିଷର୍ଣ୍ଣ ହୋଇଉଠେ । ଏକ ଅହେତୁକ ଶୂନ୍ୟତା ତା' ର ସମସ୍ତ ଚେତାନ ଉପରେ କୁହୁଡ଼ି ଛାଇ ପରି ଓହ୍ଲାଇଆସେ ।

ରେସ୍ତୁରାଁ ଭିତରେ ନୃତ୍ୟ ଏବେ ସେହି କ୍ଲାଇମାକସ ଆଡ଼କୁ ଗତି କରୁଥିଲା ।

ଗୋଟିଏ ରୋବୋଟ୍ ସୁବ୍ରତ ସାମ୍ନାରେ ଟେବୁଲ ଉପରେ ରଖି ଦେଇଗଲା, ବ୍ରେଷ୍ଟ-କଟଲେଟ ଆଉ ଲିପସ-ପାଇର ଗୋଟାଏ ପ୍ଲେଟ ।

ସ୍ତନ ଦୁଇଟି ସମ୍ଭବତଃ କୌଣସି ଉଭିନ୍ନଯୌବନା ବାଳିକାର; ଆଉ ଓଠ ଦୁଇଟି କୌଣସି ନବଜାତ ଶିଶୁର ।

ସୁବ୍ରତ ଦୁଇ ଓଠରେ ସିଗାରେଟ୍ ଚାପି ବ୍ରେଷ୍ଟ-କଟ୍ଲେଟ୍ ଉପରେ ଛୁରୀ ଚଳାଇଲା ।

ମାତ୍ର ସେତେବେଳେ "ନୀଳ-ରାତ୍ରି" ନୃତ୍ୟ କ୍ଲାଇମାକ୍ସରେ ପହଞ୍ଚି ଥିବାରୁ ଅର୍କେଷ୍ଟ୍ରା ହଠାତ୍ ବନ୍ଦ ହୋଇଥିଲା । ଲଙ୍ଗୁଳୀ ନର୍ତ୍ତକୀ ଦୁଇଜଣ ପାଦଠାରୁ ବେକ ପର୍ଯ୍ୟନ୍ତ ଦେହ ଆବୃତ କରି ମୁଣ୍ଡ ଉପରେ ପତଳା କୁହୁଡ଼ି ରଙ୍ଗର ଝିଲିମିଲି ଓଢ଼ଣା ଟାଣି ଆଣୁଥିଲେ । ଅବଗୁଣ୍ଠନ ତଳୁ ସେମାନଙ୍କ ଆଖିର ଦୃଷ୍ଟି ଓ ଭ୍ରୂଲତା ପ୍ରଭୃତି ଅବଶ୍ୟ ଦେଖାଯାଉ ନ ଥିଲା । ମାତ୍ର ପ୍ରତ୍ୟେକ ନିଜ ନିଜର ସ୍ୱପ୍ନ ଓ କଳ୍ପନାରେ ତା' ଭିତରେ ଦେଖି ପାରୁଥିଲେ ଦୀପଶିଖାର ସୁତୀବ୍ର ଆମନ୍ତ୍ରଣ.... ପତଙ୍ଗମାନଙ୍କୁ ଝାସ ଦେବା ପାଇଁ ।

ଉଲ୍ଲଙ୍ଗ ପ୍ରମତ୍ତତାରେ ରେସ୍ତୁରାଁର ଜନତା ହଠାତ୍ ଚୈତାଳୀ ପବନରେ ଶାଳଜଙ୍ଗଲ ପରି ନାଚିଉଠିଲା । ଖାଇବାପ୍ଲେଟ, ଛୁରୀ, କଣ୍ଟା ଚାମୁଚ, ଗ୍ଲାସ ଓ ନାପକିନ୍ ସବୁ ପରସ୍ପର ଆଡ଼େ ପ୍ରତ୍ୟେକ ଏପରି ହିଂସ୍ର ଭାବରେ ଫିଙ୍ଗାଫିଙ୍ଗି କରିବା ଆରମ୍ଭ କରିଦେଲେ ଯେ, ସାବଧାନ ନ ରହିଲେ ସେତେବେଳେ ପ୍ରାଣନାଶର ଆଶଙ୍କା ସୁଦ୍ଧା ରହିଥିଲା ।

ଏ କିନ୍ତୁ ଏକବିଂଶ ଶତାବ୍ଦୀର ବୈଦଗ୍ଧ...

ଅନ୍ୟ ଦିନମାନଙ୍କରେ ସୁବ୍ରତ ମଧ୍ଯ କେତେଟା ପ୍ଲେଟ୍ ଭାଙ୍ଗି କାହାର କେତେଟା ମୁଣ୍ଡ ଫଟାଇ ଅଥବା ଭଙ୍ଗା କାଚ ଆଘାତରେ ନିଜ ଦେହରୁ ରକ୍ତ ଝରାଇ, ନିଜର ବୈଦଗ୍ଧ ପ୍ରକାଶ କରିଥାଏ । ମାତ୍ର ଆଜି ସେଥିପାଇଁ ତା' ର କୌଣସି ରୁଚି ଅଥବା ପ୍ରବୃତ୍ତି ନ ଥିଲା!

ସେ ତଥାପି ମନେ ମନେ ଖୋଜି ହେଉଥିଲା, ସୁତପାର ହଜିଲା ଚିଠି, ଆଉ ସେଥିରେ ତା' ର ଚନ୍ଦ୍ରମଣ୍ଡଳର ଠିକଣା ।

ରେସ୍ତୁରାଁ ଭିତରେ ହିଂସ୍ର ହୋଳାହଳ ଓ ପ୍ରମତ୍ତ ବୈଦଗ୍ଧର ଭିଡ଼ଠେଲି ବାହାରକୁ ପଳାଇ ଆସି ସୁବ୍ରତ ସ୍ୱସ୍ତିର ଦୀର୍ଘନିଃଶ୍ୱାସ ଛାଡ଼ିଲା ।

ସୁପରସିଟୀର ଉପକଣ୍ଠରେ ଗୋଟିଏ ତୃଣଛାୟାବିହୀନ ପାର୍କ! ସାହିତ୍ୟ-କାରଖାନାରେ ସନ୍ଧ୍ୟା ସିଫ୍ଟ ଆରମ୍ଭ ହେବା ପାଇଁ ତଥାପି ଘଣ୍ଟାଏ ଡେରି ଥିଲା । କାରଖାନାରେ କ୍ଷୁଦ୍ରଗଳ୍ପର ଉତ୍ପାଦନ ଶତାଂଶ ୩୫.୩ ହ୍ରାସ ପାଇଚି ବୋଲି ଅଭିଯୋଗ ଉଠିଚି । ଏଥିପାଇଁ ସୁବ୍ରତ ଉପରେ ଦାୟିତ୍ୱ ମଧ୍ଯ ଆରୋପ କରାଯାଇଅଛି ।

କିନ୍ତୁ କମ୍ପ୍ୟୁଟର କବି ଗାଳ୍ପିକ ଓ ଔପନ୍ୟାସିକମାନେ କ୍ରମେ ଯେପରି ୟୁନିଅନ ଗଠନ କରି ସ୍ୱେଚ୍ଛାକୃତ ଭାବରେ ଉତ୍ପାଦନ ହ୍ରାସ କରିବାରେ ଲାଗିଛନ୍ତି, କର୍ତ୍ତୃପକ୍ଷ ତାହା ତ ଆଦୌ ବୁଝୁ ନାହାନ୍ତି!!

ସୁବ୍ରତ ସେହି ସବୁ ସମସ୍ୟା ଚିନ୍ତା କରୁ କରୁ ସୁତପାର ଚିଠି କଥା ପ୍ରାୟ ଭୁଲି ଯାଇଥିଲା ।

ତୃଣହୀନ, ଛାୟାହୀନ ପାର୍କ ଉପରେ କ୍ରମେ ସନ୍ଧ୍ୟା ଓହ୍ଲାଇ ଆସୁଥିଲା ।

ବହୁ ବ୍ୟୟ ଓ ପରିଶ୍ରମରେ 'ଘାସ-ଉତ୍ପାଦନ ଡିରେକ୍ଟରେଟ୍' , ପାର୍କରେ ଯେତେ କଅଁଳ ଦୁବଘାସ ଜନ୍ମାଇଥିଲେ; ଭୋକିଲା ଲୋକେ, ଯେଉଁମାନେ ମଣିଷ ମାଂସ ସୁଦ୍ଧା ବଜାରରେ କିଣି ପାରୁ ନ ଥିଲେ, ସେମାନେ ରାତିରେ ପାର୍କରୁ ସେହି କଅଁଳ ଦୂବଘାସ ତାଂଛିନେଇ ପଳାଉଥିଲେ । ପାର୍କର ଡେଙ୍ଗା ଡେଙ୍ଗା ଗଛ ଗୁଡ଼ାକରେ ମଧ୍ୟ ଗୋଟିଏ ହେଲେ ପତ୍ର ନ ଥିଲା । ତାହାର ଡାଳମାନଙ୍କରେ ପଲ୍ଲବଟିଏ କଅଁଳିବା ମାତ୍ରେ ସେମାନେ ତାହାକୁ ମଧ୍ୟ ଖୁଣ୍ଟି ନେଉଥିଲେ ପଙ୍ଗପାଳ ପରି । ଗଛ ସବୁ ଥୁଣ୍ଟାଡାଳ ମେଲି ପ୍ରେତର କଙ୍କାଳ ପରି ଠିଆ ହୋଇଥିଲେ । ପକ୍ଷିକୁଳ ମଧ୍ୟ ଭୂପୃଷ୍ଠରୁ କେବେଠାରୁ ନିଶ୍ଚିହ୍ନ ହୋଇ ସାରିଥିଲେ । ସେମାନଙ୍କ ଦିନାନ୍ତର କାକଳି କେବେଠାରୁ ସର୍ବଗ୍ରାସୀ ମଣିଷର ଜଠରରେ ନୀରବ ହୋଇସାରିଥିଲା ।

ଦିନଶେଷରେ କାଉଟିଏ କୁଆଡୁ ଉଡ଼ିଆସି ଗୋଟିଏ କୃଷ୍ଣଚୂଡ଼ା ଗଛର ଥୁଣ୍ଟା , ପତ୍ରହୀନ ଡାଳ ଉପରେ ବସି, କାହାର ପ୍ରତୀକ୍ଷାରେ ରାବି ଉଠୁଥିଲା କେଜାଣି! ପାର୍କ ଭିତରେ ହଠାତ୍ କେଉଁଠି ଗୋଟାଏ ବନ୍ଧୁକ ଫୁଟି ଉଠିଲା । ଗୁଳିମାଡ଼ରେ କୃଷ୍ଣଚୂଡ଼ାର ଥୁଣ୍ଟା ଡାଳରୁ କାଉଟା ତଳେ ଖସି ପଡ଼ିଲା । ପୋଡ଼ା ବାରୁଦ ଗନ୍ଧରେ ସନ୍ଧ୍ୟାର ପବନ ଭାରୀ ହୋଇ ଉଠିଲା ।

ହଠାତ୍ କାହାର ଉଷ୍ଣ ଦୀର୍ଘନିଃଶ୍ୱାସରେ ସୁବ୍ରତ ଚମକି ପଡ଼ି ଚାରି ଆଡ଼କୁ ଚାହିଁଲା ।

ସନ୍ଧ୍ୟାରେ ଛାୟାଘନ ମଳିନ ଆଲୋକରେ ସୁବ୍ରତ ଯାହାକୁ ଦେଖିଲା, ସେ ସୁବ୍ରତର ସହକର୍ମିଣୀ ଜେନୀ; ସାହିତ୍ୟ କାରଖାନାରେ ସେ ମଧ୍ୟ ଜଣେ ଇଞ୍ଜିନିଅର ।

ଜେନୀ ଅଣ୍ଟାତଳେ ଗୁଡ଼ାଇଥିଲା ଖଣ୍ଡେ ଅଣ୍ଡରଓୟାର୍, ଛାତିରେ ଖଣ୍ଡେ ସଂକ୍ଷିପ୍ତ ବଡ଼ିସ୍, ନାଭିଗର୍ତ୍ତ ଓ ଉଦର ତଳେ ମସୃଣ ମାଂସର ବଳୟ ଯେପରି ସମସ୍ତଙ୍କ ଦୃଷ୍ଟିରେ ପଡ଼ିପାରିବ ସେଥିପାଇଁ ସେହି ଅଂଶଗୁଡ଼ିକୁ ସେ ସୁଚିନ୍ତିତ ଭାବରେ ଅନାବୃତ ରଖିଥିଲା ।

ସୁବ୍ରତ କିଛି କହିବା ପୂର୍ବରୁ ଜେନୀ ସୁବ୍ରତର କୋଳ ଉପରେ ବସି, ସୁବ୍ରତ ଓଠରୁ ସିଗାରେଟ୍‌ଟା ଟାଣି ନେଇ ନିଜ ଓଠ ଭିତରେ ଚାପି ଧରିଲା ।

ସୁବ୍ରତର ସାରାଦେହ ଘୃଣାରେ ହଠାତ୍ ଝିମି ଝିମି କରିଉଠିଲା । ଏଠାରେ ସେ ଏପରି ଭାବରେ ଧର୍ଷିତ ହେବ ବୋଲି ଜାଣିଥିଲେ, ଏଆଡ଼େ କଦାପି ଆସି ନ ଥାନ୍ତା!

ଜେନୀ କିନ୍ତୁ ଆଦରରେ ସୁବ୍ରତର ବେକ ଚାରିପଟେ ସରୀସୃପ ପରି ତା' ର ମସୃଣ ବାହୁ ବେଢ଼ାଇ ସୁବ୍ରତ କାନରେ କହୁଥିଲା...

'ଉଠ' !

ଜେନୀର ସର୍ପିଳ ବାହୁବନ୍ଧନରୁ ନିଜକୁ ମୁକ୍ତ କରି ସୁବ୍ରତ ତଳେ ଠିଆ ହୋଇପଡ଼ିଲା ତା' ର ଦେହ ଓ କପାଳରେ ବିନ୍ଦୁ ବିନ୍ଦୁ ଝାଳ ଫୁଟି ଉଠିଥିଲା । ଏକ ଅକଥନୀୟ କ୍ଳୀବତ୍ୱରେ ତା' ର ଅଙ୍ଗପ୍ରତ୍ୟଙ୍ଗ ହଠାତ୍ ଶୀତଳ ଓ ଅଥର୍ବ ହୋଇପଡ଼ିଥିଲା ।

ସୁବ୍ରତର ଶୀତଳ ବୈରାଗ୍ୟରେ ଜେନୀ କ୍ଷୁଧିତା ସର୍ପିଣୀ ପରି ଫୁତ୍କାର କରି ସୁବ୍ରତର ଦୁଇ ଗାଲ ଓ ମୁହଁ ଉପରେ ଦୁଇ ହାତରେ ଆଘାତ କରି କରି ଚିତ୍କାର କରି ଉଠିଲା... "ୟୁ ସେକ୍ସଲେସ୍ କମ୍ପ୍ୟୁଟର!"

ଜେନୀ ଚାଲିଗଲା ।

ସୁବ୍ରତ ସେତେବେଳେ ଯାଇଁ ବୁଝିଲା, ଇତିମଧ୍ୟରେ ସେ ମଧ୍ୟ କେଉଁଦିନ ପରିଣତ ହୋଇ ସାରିଥିଲା, ଆବେଗ ସ୍ପନ୍ଦନହୀନ ଯାନ୍ତ୍ରିକ ଶତାବ୍ଦୀର ଆଉ ଏକ କମ୍ପ୍ୟୁଟର ଯନ୍ତ୍ରରେ!

ଆକାଶରେ ଚନ୍ଦ୍ର ତଥାପି ଉଇଁ ନ ଥିଲା, କିମ୍ବା ତା' ର ସମ୍ଭାବନା ମଧ୍ୟ ନ ଥିଲା । ତାରା ଓ ନକ୍ଷତ୍ର ସବୁ କୁହୁଡ଼ି ଧୂଆଁ, ଧୂଳି ଓ କୋଇଲାଗୁଣ୍ଡର ଆସ୍ତରଣ ଭେଦି ଆଉ ଆଖିରେ ପଡୁ ନ ଥିଲେ ।

ସେହି ସ୍ତବ୍ଧତା ମଧ୍ୟରେ ପାର୍କର ଆଉ ଏକ କୋଣରୁ ଜେନୀର ପାଗଳ ଅଟ୍ଟହାସ, ଟ୍ରାଫିକର୍ କୋଳାହଳ ମଧ୍ୟରେ ସୁଦ୍ଧା ସ୍ପଷ୍ଟ ବାରି ହୋଇ ପଡୁଥିଲା!